## ସଂକ୍ଷେପରେ

### ବିହାରକୁ ଗଞ୍ଜେଇ ଚୋରାଚାଲାଣ, ୨ ଗିରଫ

**୪୦ କିଲୋ ଗଞ୍ଜେଇ ଜବତ**



**ସୋନପୁର,୨୫।୨(ନି.ପ୍ର.):** ଓଡିଶାରୁ ରାଜ୍ୟ ଓ ରାଜ୍ୟ ବାହାରକୁ ଗଞ୍ଜେଇ ଚାଲାଣ ଜାରି ରହିଛି। ଶନିବାର କନ୍ଧମାଳ ଜିଲା ମୋହନା ଅଞ୍ଚଳରୁ ଏକ କାରରେ ବିହାରକୁ ଗଞ୍ଜେଇ ଚୋରାଚାଲାଣ କରା ଯାଉଥିଲା ବେଳେ ସୁବର୍ଣ୍ଣପୁର ଜିଲା ଅବକାରୀ ବିଭାଗ ହାତରେ ଧରାପଡିଛି । ଅବକାରୀ ଟିମ୍ ପକ୍ଷରୁ ସକାଳେ ପାଟ୍ରୋଲିଂ ଚାଲିଥିବା ବେଳେ ବୌଦ୍ଧ ଜିଲା ମନମୁଣ୍ଡା ପଟୁ ବିହାର ନମ୍ବର ଥିବା ଏକ ମହିନ୍ଦ୍ରା କେଯୁଭି ୧୦୦ କାର ଦ୍ରୁତ ବେଗରେ ମାଡି ଆସିଥିଲା । ଅବକାରୀ ଟିମ୍ ପିଛା କରି ପଟାଭାଡି ଛକରେ କାର ନମ୍ବର ବିଆର୦୧ପିକେ-୬୪୩୬କୁ ଅଟକାଇବାରେ ସକ୍ଷମ ହୋଇଥିଲେ । କାର ଭିତରେ ଯାଞ୍ଚ ପରେ ୪୦ କିଲୋ ଗଞ୍ଜେଇ ମିଳିଥିଲା । ଅବକାରୀ ବିଭାଗ ପକ୍ଷରୁ ଗଞ୍ଜେଇ ଓ କାରକୁ ଜବତ କରାଯାଇଛି । ଏହି ଘଟଣାରେ ବିହାର ସାତାମାର୍ହି ଜିଲା ସୁଗ୍ରୀକାଣ୍ଡଲା ଅଞ୍ଚଳର ରାଜ ଯାଦବ(୩୩) ଓ ପାଟଣା ଜିଲା ଘନ କଲୋନୀ ରାମକୃଷ୍ଣ ନଗର ଅଞ୍ଚଳର ଚନ୍ଦନ କୁମାର(୩୩)ଙ୍କୁ ଗିରଫ କରାଯାଇଛି । ଏ ସମ୍ପର୍କରେ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି । ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଇନ୍ସପେକ୍ଟର ରାଧାକାନ୍ତ ଭୋଇ, ସବ୍ ଇନ୍ସପେକ୍ଟର ସୁଧୀର ମିଶ୍ର ଓ ବିଭାଗର କର୍ମଚାରୀ ଏହି ଚଢାଉରେ ସାମିଲ ଥିଲେ । ପ୍ରକାଶ ଯେ, ଗୁରୁବାର ସୋନପୁର ଅବକାରୀ ବିଭାଗର ମୋବାଇଲ ଟିମ୍ ଚଢାଉ କରି ଆମ୍ବୁଲାନ୍ସରେ ଛତିଶଗଡକୁ ଚୋରାଚାଲାଣ ହେଉଥିବା ୪ କୁଇଣ୍ଟାଲ ୨୦ କିଲୋ ଗଞ୍ଜେଇ ଜବତ କରିଥିଲେ ।

### ମାଗଣା ଚକ୍ଷୁ ପରୀକ୍ଷା ଶିବିର

**ବଲାଙ୍ଗୀର ଅଫିସ,୨୫।୨:** ବଲାଙ୍ଗୀର ଆଦର୍ଶପଡାସ୍ଥିତ ଜ୍ଞାନବିହାର ବିଦ୍ୟାପୀଠ ଏବଂ ସୁପ୍ରିମ୍ ଟାସ୍କ ଜେନେରାଲ ହସ୍ପିଟାଲ ମିଳିତ ଉଦ୍ୟମରେ କଲେଜ ଛକସ୍ଥିତ ସାଇ ମନ୍ଦିର ଠାରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଓ ଚିକିତ୍ସା ଶିବିର ଶନିବାର ଅନୁଷ୍ଠିତ ହୋଇଥିଲା। ସୁପ୍ରିମଟାସ୍କ ହସ୍ପିଟାଲ ଅତିରିକ୍ତ ନିର୍ଦ୍ଦେଶକ ପ୍ରବୀଣ ନାଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଜ୍ଞାନ ବିହାର ସ୍କୁଲ ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ସାହୁଙ୍କ ସହାୟତାରେ ଘରୋଇ ବିଦ୍ୟାଳୟ ସଂଘ ସଭାପତି ତଥା ମୋଣ୍ଟେସୋରି ସ୍କୁଲ ନିର୍ଦ୍ଦେଶକ ରବିଚନ୍ଦ୍ର ଉଦଗାତା ଫିତା କାଟି ଶିବିର ଉଦ୍‌ଘାଟନ କରିଥିଲେ। ଏଠାରେ ଡା. ସିଦ୍ଧେଶ୍ୱର ମିଶ୍ର, ମନୋଜକାନ୍ତ ନାଗ, ସୁରେନ୍ଦ୍ର ନାଗ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଡା. ମାଧୁରୀ. ଭି ଥାଲମ, ଡ. ପ୍ରିୟଦର୍ଶିନୀ ନନ୍ଦ ରୋଗୀମାନଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ହସ୍ପିଟାଲ କର୍ମଚାରୀ ସିମନ ପାଲ, ରଞ୍ଜନା ବାରିକ, ପ୍ରକାଶ ବାରିକ, ବିଭୁତି ଭୂଷଣ ଭଞ୍ଜ, ଚିନ୍ମୟ ନନ୍ଦ, ଇନୋଷ ଛତ୍ରିଆ, ଆଦିତି ଓ ଜେନିମା ଯୋଗ ଦେଇଥିଲେ। ଜ୍ଞାନ ବିହାର ସ୍କୁଲ ଛାତ୍ର ପ୍ରୀତମ ମିଶ୍ର, ଋତୁରାଜ ଷାଣ୍ଢ, ସୁମିତ ପଟେଲ, ବିକାଶ ଷାଣ୍ଢ, ଆୟୁଷ ଭଞ୍ଜ ଅତିଥିମାନଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ଏଥିରେ ଶତାଧିକ ବ୍ୟକ୍ତିଙ୍କ ଚକ୍ଷୁ ପରୀକ୍ଷା କରାଯିବା ସହ ୭୦ ଜଣ ରୋଗୀଙ୍କୁ ଔଷଧ ମାଗଣାରେ ବଣ୍ଟନ କରାଯାଇଥିଲା। ୩୫ ଜଣ ରୋଗୀଙ୍କୁ ମାଗଣା ଅସ୍ତ୍ରୋପଚାର ପାଇଁ ସୁପ୍ରିମଟାସ୍କ ହସ୍ପିଟାଲ ନେତ୍ର ନିକେତନକୁ ପଠାଯାଇଥିଲା। ଏହି ଶିବିର ରୂପେଶ କୁମାର ନାଗଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା। ଶିକ୍ଷକ ନେତ୍ରାନନ୍ଦ ପଧାନ, ଲୀନା ଗୁରୁମା , ନଟରାଜ ଠାକୁର, ସାଇ ମନ୍ଦିର ଆବାହକ ଭୋଜରାଜ ସିଂ ଧରୁଆ , କେଶବ ସୁବୁଦ୍ଧି, ବାସନ୍ତି ବେହେରା, ନୀଳମଣି ତ୍ରିପାଠୀ, ରମାକାନ୍ତ ବାରିକ ପ୍ରମୁଖ ସହାୟତା କରିଥିଲେ।

# ବିଜୁ ଏକ୍ସପ୍ରେସ୍‌ୱେ, ଇନ୍‌ଡୋର ଷ୍ଟାଡିୟମ ହେବ ଲୋକାର୍ପଣ

**ନୂଆପଡ଼ା ଅଫିସ,୨୫।୨**

ଆସନ୍ତା ମାର୍ଚ୍ଚ ୫ରେ ଦିନିକିଆ ନୂଆପଡା ଜିଲା ଗସ୍ତରେ ଆସୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଜୁ ଏକ୍ସପ୍ରେସୱେ ସାଙ୍ଗକୁ ନୂଆପଡା ଓ ଖରିଆର ରୋଡଠାରେ ନବନିର୍ମିତ ଇନ୍‌ଡୋର ଷ୍ଟାଡିୟମ ଲୋକାର୍ପଣ କରିବା କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ନେଇ ଶୁକ୍ରବାର ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳଙ୍କ ସଦଭାବନା ଗୃହରେ ଜିଲାପାଳ ହେମକାନ୍ତ ସାଏଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଏସ୍‌ପି ଗୁନ୍ଦାଲା ରେଡ୍ଡୀ ରାଘବେନ୍ଦ୍ର ସମେତ ବହୁ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଜିଲାପାଳ ଓ ଏସପି ବିଜୁ ଏକ୍ସପ୍ରେସ ୱେ ପରିଦର୍ଶନ କରିବା ସହ କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରିଛନ୍ତି। ମାର୍ଚ୍ଚ ୫ରେ ପ୍ରଥମେ ଜିଲାର କୋମନା ବ୍ଲକ ଦର୍ଲିପଡା ପଞ୍ଚାୟତ ସିଲେଟପାଣି ଗାଁ ନିକଟରେ ବିଜୁ ଏକ୍ସପ୍ରେସ ୱେ ରାସ୍ତା ପାର୍ଶ୍ୱରେ ହେଲିକେପ୍ଟରରେ ଅବତରଣ କରି ଜନତାଙ୍କୁ ଉଦ୍‌ବୋଧନ ଦେବେ। ସେଠାରୁ କଳାହାଣ୍ଡି ଜିଲା ଧର୍ମଗଡ ଅଭିମୁଖେ ଯିବେ।



ଉଦ୍‌ଘାଟିତ ହେବାକୁ ଥିବା ବିଜୁ ଏକ୍ସପ୍ରେସ୍ ୱେ ।

**୫ରେ ମୁଖ୍ୟମନ୍ତ୍ରୀଙ୍କ ନୂଆପଡ଼ା ଜିଲା ଗସ୍ତ**

ସୂଚନାରୁ ପ୍ରକାଶ ଯେ, ରାଉରକେଲା ଷ୍ଟିଲ ସିଟିରୁ ଆରମ୍ଭ ହୋଇ କୋରାପୁଟ ଚାନ୍ଦିଲି ପର୍ଯ୍ୟନ୍ତ ଯାଇ ଜଗଦଲପୁରକୁ ସଂଯୋଗ କରିବା ପାଇଁ ରାଜ୍ୟ ସରକାର ବିଜୁ ଏକ୍ସପ୍ରେସ ୱେ ନିର୍ମାଣ କରିଛନ୍ତି। ପଶ୍ଚିମ ଓଡିଶାର ରାଉରକେଲା, ସମ୍ବଲପୁର, ବରଗଡ, ନୂଆପଡା, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଭଳି ଜିଲାର ଗ୍ରାମାଞ୍ଚଳର ଲୋକମାନଙ୍କୁ ସହର ସହିତ ଯୋଡି ଆର୍ଥିକ ଉନ୍ନତି କରିବାକୁ ଲକ୍ଷ୍ୟ ରଖିଛନ୍ତି। ନୂଆପଡା ଜିଲା ସଦର ମହକୁମା ସାହିପଲାଠାରୁ ସିନାପାଲି ବ୍ଲକ ଧୃଙ୍ଗିଆମୁଣ୍ଡା ପର୍ଯ୍ୟନ୍ତ ପ୍ରାୟ ୧୨୧ କି.ମି. ଚାରି ଥାକିଆ ରାସ୍ତା ନିର୍ମାଣ ହୋଇଛି।

# ବଳାତ୍କାରୀଙ୍କୁ ୧୦ବର୍ଷ ଜେଲ ଦଣ୍ଡାଦେଶ

**ଭବାନୀପାଟଣା,୨୫।୨(ସ୍ୱ.ପ୍ର.)**

**ପୀଡ଼ିତାଙ୍କୁ ୬ ଲକ୍ଷ ଟଙ୍କା କ୍ଷତିପୂରଣ**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଅଞ୍ଚଳର ଜଣେ ନାବାଳିକା ବଳାତ୍କାର ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ଭବାନୀପାଟଣା ଅତିରିକ୍ତ ଜିଲା ଓ ଦୌରା ଜଜ୍ ଯଦୁମଣି ମିଶ୍ର (ଫାଷ୍ଟଟ୍ରାକ ସ୍ପେଶାଲ କୋର୍ଟ) ୨୦ଜଣ ସାକ୍ଷ୍ୟ ଓ ପ୍ରମାଣକୁ ଆଧାର କରି ଅଭିଯୁକ୍ତ ଚକ୍ରଧର ନାଗ ଓରଫ ହୃଦାଙ୍କୁ ୧୦ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇବା ସହ ଓ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଆହୁରି ୬ମାସ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ରହିଛି। ସେହିପରି ଏହି ମାମଲାରେ ପୀଡ଼ିତାଙ୍କୁ ୬ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗତ ୧୮।୨।୨୦୧୮ରେ ନାବାଳିକା ଜଣକ ନଳକୂପକୁ ଗାଧୋଇବାକୁ ଯାଇଥିଲେ। ନାବାଳିକାଙ୍କୁ ଏକୁଟିଆ ଦେଖି ହୃଦା ନିକଟସ୍ଥ ଅଙ୍ଗନୱାଡି କୋଠାକୁ ଟେକି ନେଇ ବଳାତ୍କାର କରିଥିଲେ। ନାବାଳିକା ଘରକୁ ଆସି ଘଟଣା ସମ୍ପର୍କରେ ମା' ବାପାଙ୍କୁ ଜଣାଇଥିଲେ। ପ୍ରଥମେ ତାଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ବିଷମକଟକ ଡାକ୍ତରଖାନାକୁ ନେଇ ଚିକିତ୍ସା କରାଇଥିଲେ। ଏହି ଘଟଣା ନେଇ ନାବାଳିକାଙ୍କ ଜେଜେବାପା ଗୋଲାମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ପୋକ୍‌ସୋ ଆକ୍ଟରେ ଏକ ମାମଲା (ନଂ.୨୯/୧୮)ରୁଜୁ କରି ହୃଦାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲା ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ଭବାନୀ ଶଙ୍କର ମିଶ୍ର ଓ ଅଭିଯୁକ୍ତଙ୍କ ପକ୍ଷରୁ ଏସଡିସି ଶୈଳେଶ କୁମାର ବେହେରା ପରିଚାଳନା କରିଥିଲେ।

# ନକ୍‌ଆଉଟ କ୍ରିକେଟ: ଜମାଗୁଡ଼ା ବିଜୟୀ



ଉଦ୍‌ଘାଟିତ ମ୍ୟାଚ୍‌ରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

**ଲାଞ୍ଜିଗଡ଼,୨୫।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ପାହାଡ଼ପଦର ପଞ୍ଚାୟତ ପାହାଡ଼ପଦର ଗାଁ ଖେଳପଡିଆଠାରେ କୈବଲ୍ୟ ପୁଟା ମେମୋରିଆଲ ନକଆଉଟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଜମାଗୁଡା ଓ ବଙ୍କାକୁଣ୍ଡରୁ ଦଳ ମଧ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚ୍‌ରେ ଜମାଗୁଡା ବିଜୟୀ ହୋଇଥିଲା। ଜମାଗୁଡା ପ୍ରଥମେ ଟସ ଜିତି ବ୍ୟାଟିଂ କରି ୧୧୦ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ବଙ୍କାକୁଣ୍ଡରୁ ୯୦ ରନ କରି ସମସ୍ତ ଉଇକେଟ ହରାଇ ପରାଜୟ ହୋଇଥିଲା। ଉଦ୍‌ଘାଟନୀ ମ୍ୟାଚରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ପାହାଡ଼ପଦର ସରପଞ୍ଚ ଲକ୍ଷଣ ମାଝି, ନାଏବ ସରପଞ୍ଚ ପ୍ରତିନିଧି ବୈଦ୍ୟନାଥ ନାଏକ ପ୍ରମୁଖ ଯୋଗଦେଇଥିଲେ। ଖୁସିରାମ ପୁଟା ଓ ରାମଯୋଗୀ ସାହୁ ଉଦଘାଟନୀ ମ୍ୟାଚ ପରିଚାଳନା କରିଥିବାବେଳେ ସ୍କୋର ବୋର୍ଡରେ ସୁଧିର ସାହୁ ଓ ବାଲିସେନ ବିଭାର ଧାରାବିବାରଣୀରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ କୈବଲ୍ୟ ପୁଟା ନକଆଉଟ କ୍ରିକେଟ ମେମୋରିଆଲର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୂପାନ୍ତରୀକରଣ ଦାବି

**ରୂପ୍ରାରୋଡ,୨୫।୨(ଡି.ଏନ.ଏ.)**

ସରକାରଙ୍କ ୫-ଟି ଅଧୀନରେ 'ଆମ ହସ୍ପିଟାଲ' ଯୋଜନାରେ ରାଜ୍ୟର ୧୪୭ଟି ନିର୍ବାଚନମଣ୍ଡଳୀରେ ଚିହ୍ନଟ ହୋଇଥିବା ଡାକ୍ତରଖାନାର ସର୍ବାଙ୍ଗୀନ ଉନ୍ନତି ପାଇଁ ସ୍ୱାସ୍ଥ୍ୟ ବିଭାଗ ବିଜ୍ଞପ୍ତି ଜାରି କରିଛି। ହେଲେ କଳାହାଣ୍ଡି ଜିଲା ନର୍ଲା ନିର୍ବାଚନ ମଣ୍ଡଳୀର ମୁଖ୍ୟ ବ୍ଲକ ହୋଇଥିଲେ ହେଁ ନର୍ଲାକୁ ଅଣଦେଖା କରାଯାଉଛି। ରାଜନୈତିକସ୍ତରରେ ମଧ୍ୟ ନର୍ଲାକୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି। ନର୍ଲା ହେଉଛି ନିର୍ବାଚନ ମଣ୍ଡଳୀର ମୁଖ୍ୟ କାର୍ଯ୍ୟାଳୟ ଏବଂ ଜିଲାର ଅନ୍ୟତମ ବଡ ବ୍ଲକ। ଲୋକସଂଖ୍ୟା ଓ ଭୋଟର ସଂଖ୍ୟା ଦୃଷ୍ଟିରୁ ନିର୍ବାଚନ ମଣ୍ଡଳୀର ଅଧାରୁ ବି ଅଧିକ ନର୍ଲା ବ୍ଲକରେ ରହିଥିବା ବେଳେ ସ୍ୱାସ୍ଥ୍ୟସେବା ଦୃଷ୍ଟିରୁ ମଧ୍ୟ ପଛରେ ରହିଛି। ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା ପାଇ ଅନେକ ବର୍ଷ ପରେ ବି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପଛରେ ରହିଛି। ଡ଼ାକ୍ତରଖାନାରେ ଆବଶ୍ୟକ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ନାହାନ୍ତି। ରାଜନୈତିକେ ଅଭିସନ୍ଧି ରଖି ଏଠାରେ ନିୟୋଜିତ ଡାକ୍ତରଙ୍କୁ ଡେପୁଟେଶନରେ ଅନ୍ୟ ଡାକ୍ତରଖାନାରେ ନିୟୋଜିତ କରାଯାଇଛି। ବର୍ତ୍ତମାନ ୮ଜଣ ଡାକ୍ତର ରହିବା ସ୍ଥଳରେ ୨ଜଣ ଅଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବ୍ୟତୀତ ୪ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଉପକେନ୍ଦ୍ରଗୁଡ଼ିକରେ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀଙ୍କ ଅଭାବ ନେଇ କେହି ଶୁଣୁନାହାନ୍ତି। ଜିଲା ପ୍ରଶାସନ ତଥା ରାଜ୍ୟ ସରକାର ପଦକ୍ଷେପ ନେବା ପାଇଁ ବ୍ଲକ ଅଧକ୍ଷା ମନୋରମା ମହାନ୍ତି, ଉପାଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ସରପଞ୍ଚ ସଂଘ ତଥା ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# କୁଲିଆବନ୍ଧା ଉଚ୍ଚ ବିଦ୍ୟାଳୟରେ ଡ୍ରଇଂ ପ୍ରତିଯୋଗିତା



ଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

**ନୂଆପଡ଼ା ଅଫିସ,୨୫।୨**

ନୂଆପଡା ସଦର ବ୍ଲକ କୁଲିଆବନ୍ଧା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଡ୍ରଇଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବ କେନ୍ଦ୍ର ନୂଆପଡା ସ୍ୱେଚ୍ଛାସେବୀ ବିଶାଖା ହରିଜନଙ୍କ ନେତୃତ୍ୱରେ ଆୟୋଜିତ ପ୍ରତିଯୋଗିତାରେ ପୁରାତନ ଜାତୀୟ ସ୍ୱେଚ୍ଛାସେବୀ ପ୍ରଧାନ ଶିକ୍ଷକ କିଶୋର କୁମାର ପରିଡା ମୁଖ୍ୟଅତିଥି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସମିର କୁମାର ବେହେରା, ରବି ଶଙ୍କର ଭୋଇ, ଗୁଣ ସାଗରଦ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତିଯୋଗିତାରେ ବିଦ୍ୟାଳୟର ୨୦ଜଣ ଛାତ୍ରୀଛାତ୍ର ଭାଗ ନେଇଥିବା ବେଳେ ସୁରେଶ ରଣା ପ୍ରଥମ, ପିଙ୍କି ମାଝି ଦ୍ୱିତୀୟ ଓ ଡିଗେଶ ଦାସ ତୃତୀୟ ସ୍ଥାନ ଅଧିକାର କରି ଅତିଥିମାନଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଙ୍କି ଇନ୍ଦାଜା, ଲିଲାବାଇ ଶବର, ନନ୍ଦା ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ସଡ଼କ ସୁରକ୍ଷା ସଚେତନତା ଅଭିଯାନ




ସଡ଼କ ସୁରକ୍ଷା ନେଇ ଆୟୋଜିତ ସଚେତନତା ଶୋଭାଯାତ୍ରା।

**କୋକସରା,୨୫।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ତାଲୁକ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଶନିବାର ସଡ଼କ ସୁରକ୍ଷା ଓ ଟ୍ରାଫିକ ନିୟମ ପାଳନ ନେଇ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋକସରା ଜେଏମଏଫସି କୋର୍ଟ ମାଜିଷ୍ଟ୍ରେଟ ତଥା ତାଲୁକ ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ୍ୟା ରିତିକା ଜେନାଙ୍କ ତତ୍ତ୍ୱାବଧାନରେ ସଚେତନତା କାର୍ଯ୍ୟକ୍ରମରେ ଡିଗ୍ରୀ ମହାବିଦ୍ୟାଳୟ ଏନ୍‌ସିସି ଛାତ୍ରୀଛାତ୍ର, ପୋଲିସ ଓ କୋକସରା କୋର୍ଟର କାର୍ଯ୍ୟରତ ଆଇନଜୀବୀମାନେ ସାମିଲ ହୋଇଥିଲେ। କୋକସରା ସହର ପରିକ୍ରମା କରି ଲୋକଙ୍କୁ ସଡକ ସୁରକ୍ଷା ଓ ଟ୍ରାଫିକ ନିୟମ ପାଳନ କରି ଗାଡି ମୋଟର ଚଳାଇବା ପାଇଁ ସଚେତନତା କରିଛନ୍ତି। କାର୍ଯ୍ୟକ୍ରମରେ କୋକସରା ଥାନା ଅଧିକାରୀ ପ୍ରସନ୍ନ କୁମାର ବେହେରା, ଆମପାଣି ଥାନା ଅଧିକାରୀ ଚତୁର୍ଭୁଜ ନାଏକ,ଏନସିସି କ୍ୟାପଟେନ ଅଶ୍ୱିନୀ କୁମାର ପଟ୍ଟନାୟକ, ଆଇନଜୀବୀ ଲକ୍ଷ୍ମୀଧର ମେହେର, ଲକ୍ଷ୍ମୀକାନ୍ତ ଖମାରି, ପିପି ଅଜିତ ପଟ୍ଟନାୟକ, ପ୍ରେମଲାଲ ସିଂ, ଜଗା ପଟ୍ଟନାୟକ, ସୁଜିତ ପଟ୍ଟନାୟକ ଓ କୋର୍ଟ କର୍ମଚାରୀମାନେ ଉପସ୍ଥିତ ରହିଥିଲେ।

### ଜଳ ଓ ପରିମଳ ବିଭାଗ ଅବସରପ୍ରାପ୍ତ କର୍ମଚାରୀଙ୍କ ପରଲୋକ

**ଖଡ଼ିଆଳ,୨୫।୨(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ନେହେନା ଗ୍ରାମର ଜଳ ଓ ପରିମଳ ବିଭାଗ ଅବସରପ୍ରାପ୍ତ କର୍ମଚାରୀ ଗଣ୍ଡାରାମ ଦଣ୍ଡସେନା (୬୭)ଙ୍କ ପରଲୋକ ହୋଇଯାଇଛି। ଅବସର ପରେ ଗ୍ରାମର ସମସ୍ତ ଧାର୍ମିକ କାର୍ଯ୍ୟକ୍ରମ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। କଳାକାର ଭାବେ ବିଭିନ୍ନ ଭୂମିକାରେ ଅଭିନୟ କରୁଥିଲେ। ମୃତ୍ୟୁ ସମୟରେ ତାଙ୍କର ୨ ପୁଅ, ୨ ଝିଅଙ୍କ ସହ ସମସ୍ତ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ବଡ଼ ପୁଅ ସ୍ୱାଗତ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ଦଣ୍ଡସେନାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# କଳଚୁରୀ କଳାର ସେନାର ଯୁବ ସମ୍ମିଳନୀ



ଅନୁଷ୍ଠିତ ଯୁବ ସମ୍ମିଳନୀ।

**କୋକସରା,୨୫।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଗୋତମୁଣ୍ଡା ଧାନ ମଣ୍ଡି ପରିସରରେ କଳାହାଣ୍ଡି କଳଚୁରୀ କଳାର ସେନା ପକ୍ଷରୁ ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଖ୍ୟା ଲଘୁ ସମାଜ ଭାବେ ବିଭିନ୍ନ ସମୟରେ ପଛୁଆ ହୋଇ ରହିଯାଇଥିବା ବେଳେ ଲୋକ ଲୋଚନ ହୋଇପାରି ନ ଥିବା, କ୍ଷତ୍ରିୟ ଶହସ୍ରାର୍ଜୁନ ମହାପ୍ରଭୁଙ୍କ ବଂଶଜ ଓଡ଼ିଶାରେ କ୍ଷତ୍ରିୟ ବଂଶଜଙ୍କ ବାର୍ତ୍ତା ପହଞ୍ଚି ପାରିନାହିଁ। ସଭାର ମୂଳ ଉଦ୍ଦେଶ୍ୟ ଥିଲା ଶିକ୍ଷାର ବିକାଶ, ଆର୍ଥିକ ବିକାଶ, ସଂଗଠିତ ସମାଜ, ଶୃଙ୍ଖଳିତ ସମାଜ ଗଠନ। କଳାହାଣ୍ଡି କଳଚୁରୀ କଳାର ସେନା ପକ୍ଷରୁ ଆୟୋଜିତ ସଭାରେ ଛତିଶଗଡ଼ ଓ କଳାହାଣ୍ଡିର ବିଭିନ୍ନ ପ୍ରାନ୍ତରୁ କଳଚୁରୀ କଳାର ସମାଜର ସଦସ୍ୟ ଉପସ୍ଥିତ ଥିଲେ। ସଭାରେ ସଭାପତିତ୍ୱ କରିଥିଲେ ଚୁଡ଼ାମଣି ନାୟକ, ମଞ୍ଚ ପରିଚାଳନା କରିଥିଲେ କଳିଙ୍ଗ କଳଚୁରୀ କଳାର ସେନା ପ୍ରଦେଶ ସଂଯୋଜକ ବିରଞ୍ଜନ ନାୟକ, କଳାହାଣ୍ଡି କଳଚୁରୀ କଳାର ସେନାର ନୂତନ କର୍ମକର୍ତ୍ତା ଚୟନ କରିଥିଲେ। ସଭାପତି ଚୁଡ଼ାମଣି ନାଏକ, ଉପସଭାପତି ପୂର୍ଣ୍ଣଚନ୍ଦ୍ର ନାଏକ, ସମ୍ପାଦକ ଭାରତ ବିଶି, ସହସମ୍ପାଦକ ବାଳକୃଷ୍ଣ ବିଶି, କୋଷାଧ୍ୟକ୍ଷ ହେମନ୍ତ ବିଶି। ପୂର୍ଣ୍ଣଚନ୍ଦ୍ର ନାଏକ ଧନ୍ୟବାଦ ଦେଇଥିଲେ।

# ମା' ମୋଟ୍ରାଣୀ ନକ୍‌ଆଉଟ କ୍ରିକେଟ ଉଦ୍‌ଘାଟିତ

**କୋକସରା,୨୫।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ମୋଟେର ମଣ୍ଡି ପଡିଆଠାରେ ମା' ମୋଟ୍ରାଣୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଶନିବାର ମା' ମୋଟ୍ରାଣୀ ନକଆଉଟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଶିକ୍ଷକ ରାମନାରାୟଣ ପୂଝାରୀ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିନୋଦ ପଟେଲ, ହିରଣ୍ୟ ବେହେରା, ପରମେଶ୍ୱର ପାଳ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ମହିଚଲା ବୁଢାରଜା ଓ ଠେଲକୋମୁଣ୍ଡା ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ମହିଚଲା ବ୍ୟାଟିଂ କରି ଦଶ ଓଭରରେ ୪ ଉଇକେଟ ହରାଇ ୧୩୮ରନ ସଂଗ୍ରହ କରିଥିଲା। ଜବାବରେ ଠେଲକୋମୁଣ୍ଡା ୭ ଉଇକେଟ ହରାଇ ୭୪ ରନ କରି ପରାଜିତ ହୋଇଥିଲା। ବରିଷ୍ଠ ଖେଳାଳି ଦେବେନ୍ଦ୍ର ଶବର ଓ ପିଣ୍ଟୁ ଦାସ ପରିଚାଳନା କରିଥିଲେ। ରାମ ନାରାୟଣ ପୂଝାରୀ ଧାରାବିବରଣୀ ପ୍ରଦାନ ଏବଂ ବିନୋଦ ଶବର ସ୍କୋର ବୋର୍ଡ ଦାୟିତ୍ୱ ତୁଲାଇଥିଲେ। ମା' ମୋଟ୍ରାଣୀ କ୍ରିକେଟ କ୍ଲବର ସୁଶୀଲ ପଟେଲ, ଡିସେମ୍ବର ଭୋଇ, ଲଳିତ ରଣା, ସୌରଭ ଦାସ, ରୋହିତ ପୂଝାରୀ, ମଣ୍ଟୁ ଦାସ, ବବଲୁ ପୂଝାରୀ, ମଧୁସୂଦନ ମାଝିଙ୍କ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ଉଦ୍‌ଘାଟନୀ ମ୍ୟାଚରେ ଯୋଗଦେଇଥିବା ଅତିଥି।

**SUMMONS FOR SETTLEMENT OF ISSUES**
Under Order V Rule 20 CPC 1908
IN THE COURT OF SENIOR CIVIL JUDGE, ROURKELA
Civil Suit No. 72 / 2015

**Vijaya Bank (Now Bank of Baroda)** ...Plaintiff
: Versus :
**Sri Gurinder Singh Sharma and Another** ...Defendants

To,
1. **Sri Gurinder Singh Sharma,** S/o- Tarlok Singh Sharma, C/o: Sharma Electricals, Power House Road, Rourkela, P.S.: Plantsite, Dist.: Sundargarh, Odisha.
2. **Sri Subrata Chatterjee,** S/o- B.K. Chotterjee, Resident of Qrs. No.- B/408, Koelnagar, Rourkela-14, P.S.: Jhirpani, Dist: Sundargarh, Odisha, vide PL No. 941366 office of Horticulture Deptt., IG Park SAIl Rourkela.

Whereas you are avoiding the process of the court to receive the summons and Whereas ***the Plaintiff*** has instituted a suit against you, you are hereby summoned to appear in this Court in person, or by a pleader duly instructed and able to answer all material questions relating to the suit, or who shall be accompanied by some person able to answer all such questions, on the **27th day of March 2023 at 10.30 A.M.** O' Clock in the fore noon, to answer the claim, and you are directed to produce on that day all the documents upon which you intend to rely in support of your defence.

Take notice that, in default of your appearance on the day before mentioned, the suit will be heard and determined in your absence.

Given under my hand and the seal of the Court, this the **13th Day of December, 2022.**

**S/d- Sr. Civil Judge**
**ROURKELA**

## ସଂକ୍ଷେପରେ

### ଓଜନ ମାପ ବିଭାଗର ଯାଞ୍ଚ, ୨୦ ମାମଲା ରୁଜୁ

**ରାଉରକେଲା ଅଫିସ,୨୫।୨:** ରାଉରକେଲା ବୈଧମାପ ବିଜ୍ଞାନ ୟୁନିଟ୍-୧ ଅଧୀନ ପାନପୋଷଠାରୁ ଷ୍ଟେଶନ ରୋଡ୍ ଯାଏ ଥିବା ବିଭିନ୍ନ ବାଣିଜ୍ୟିକ ପ୍ରତିଷ୍ଠାନରେ ବିଭାଗ ପକ୍ଷରୁ ଗୁରୁବାର ଓ ଶୁକ୍ରବାର ଯାଞ୍ଚ କରାଯାଇଛି। ଯାଞ୍ଚ ବେଳେ ୨୦ଟି ପ୍ରତିଷ୍ଠାନରେ ଓଜନ ମାପରେ ଠକେଇ କରାଯାଉଥିବା ଅଭିଯୋଗରେ ମାମଲା ରୁଜୁ କରାଯାଇଥିଲା। ୨୦ଟି ମାମଲାରୁ ୭ଟି ଜରିମାନା ଆକାରରେ ସମାଧାନ କରାଯାଇଥିଲା। ଏ ନେଇ ୟୁନିଟ-୧ ବିଭାଗୀୟ ଇନସ୍ପେକ୍ଟର ହେମଲତା କିଷାନଙ୍କୁ ପଚାରିବାରୁ ସେ କହିଥିଲେ, ଯାଞ୍ଚ ପ୍ରକ୍ରିୟାରେ ଆମେ ୨୦ଟି ମାମଲା ପାଇଲୁ । ଅଫିସ କାର୍ଯ୍ୟରେ ଅଧିକ ଲୋଡ୍ ରହୁଥିବାରୁ ଯାଞ୍ଚ ଶିଥିଳ ହେଉଛି। ଏହା ଆଗକୁ ମଧ ଜାରି ରହିବ ବୋଲି ସେ କହିଥିଲେ।

### ବାଇକ୍ ଚୋରି, ୨ ଗିରଫ

**ରାଉରକେଲା ଅଫିସ,୨୫।୨:** ବାଇକ୍ ଚୋରି ଅଭିଯୋଗରେ ରଘୁନାଥପାଲି ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଜେଲ୍ ରୋଡ୍ ଅଞ୍ଚଳର ସରୋଜ କେରକେଟ୍ଟା(୨୫)। ପୋଲିସ ତାଙ୍କଠାରୁ ୩ଟି ବାଇକ୍ (ନଂ.ଓଡି୧୪କେ/୦୮୭୪, ନଂ.ଓଡି୧୪ଏ/୪୬୧୭ ଏବଂ ନଂ.ଓଡି୧୪ଡି/୦୨୮୫)କୁ ଜବତ କରିଛି। ଏ ନେଇ ଏକ ମାମଲା (ନଂ.୩୧।୨୩) ରୁଜୁ କରି ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ସରୋଜ ଗତ ଜାନୁଆରୀ ୩୦ ତାରିଖରେ ରାଉରକେଲା ସରକାରୀ ଡାକ୍ତରଖାନା ଓଭରବ୍ରିଜ ନିକଟରୁ ଏକ ବାଇକ୍ (ନଂ.ଓଡି୧୪କେ/୦୮୭୪) ଚୋରି କରିନେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଉକ୍ତ ଘଟଣାର ତଦନ୍ତ କରି ଶନିବାର ସରୋଜଙ୍କୁ ଗିରଫ କରିଥିଲା।

### ଛେଳି ଚୋରି ଅଭିଯୋଗ, ୩ ଗିରଫ

**ରାଉରକେଲା ଅଫିସ,୨୫।୨:** ଛେଳି ଚୋରି ଅଭିଯୋଗରେ ସେକ୍ଟର-୩ ପୋଲିସ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଅମିତ ବେହେରା, ପିଙ୍କୁ ବେହେରା ଓ ସୁଦୀପ କୁମାର ବାରିକ। ପୋଲିସ ଏକ ମାମଲା (ନଂ.୧୧।୨୩) ରୁଜୁ କରି ଗିରଫ ସମସ୍ତ ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ଶନିବାର ଅପରାହ୍ନ ୧ଟା ବେଳେ ସେକ୍ଟର-୨ ଘୋଡାବନ୍ଧା ବସ୍ତିର ବିନୋଦ ତିର୍କୀଙ୍କ ଛେଳି ଘର ପାଖ ପଡିଆରେ ଚରୁଥିଲେ। ଏହି ସମୟରେ ଅଭିଯୁକ୍ତମାନେ ଏକ ବାଇକରେ ଆସି ଉକ୍ତ ଛେଳିକୁ ଚୋରି କରିନେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

### ମାଗଣା ଚକ୍ଷୁ ପରୀକ୍ଷା ଶିବିର

**ବଲାଙ୍ଗୀର ଅଫିସ,୨୫।୨:** ବଲାଙ୍ଗୀର ଆଦର୍ଶପଡାସ୍ଥିତ ଜ୍ଞାନବିହାର ବିଦ୍ୟାପୀଠ ଏବଂ ସୁପ୍ରିମ୍ ଟାସ୍କ ଜେନେରାଲ ହସ୍ପିଟାଲ ମିଳିତ ଉଦ୍ୟମରେ କଲେଜ ଛକସ୍ଥିତ ସାଇ ମନ୍ଦିର ଠାରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଓ ଚିକିତ୍ସା ଶିବିର ଶନିବାର ଅନୁଷ୍ଠିତ ହୋଇଥିଲା। ସୁପ୍ରିମଟାସ୍କ ହସ୍ପିଟାଲ ଅତିରିକ୍ତ ନିର୍ଦ୍ଦେଶକ ପ୍ରବୀଣ ନାଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଜ୍ଞାନ ବିହାର ସ୍କୁଲ ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ସାହୁଙ୍କ ସହାୟତାରେ ଘରୋଇ ବିଦ୍ୟାଳୟ ସଂଘ ସଭାପତି ତଥା ମୋଣ୍ଟେସୋରି ସ୍କୁଲ ନିର୍ଦ୍ଦେଶକ ରବିଚନ୍ଦ୍ର ଉଦଗାତା ଫିତା କାଟି ଶିବିର ଉଦ୍‌ଘାଟନ କରିଥିଲେ। ଏଠାରେ ଡା. ସିଦ୍ଧେଶ୍ୱର ମିଶ୍ର, ମନୋଜକାନ୍ତ ନାଗ, ସୁରେନ୍ଦ୍ର ନାଗ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଡା. ମାଧୁରୀ. ଭି ଥାଲମ, ଡ. ପ୍ରିୟଦର୍ଶିନୀ ନନ୍ଦ ରୋଗୀମାନଙ୍କ ଚକ୍ଷୁ ପରୀକ୍ଷା କରିଥିଲେ।

# ଆର୍‌ଏସ୍‌ପି ଟର୍ପେଡୋ ଲାଡେଲ ଲାଇଫ୍‌ର ସର୍ବୋଚ୍ଚ ରେକର୍ଡ ହାସଲ

**ରାଉରକେଲା ଅଫିସ,୨୫।୨**


ଆର୍‌ଏସ୍‌ପି ଅଧିକାରୀମାନେ କେକ୍ କାଟି ଖୁସି ମନାଉଛନ୍ତି।

ରାଉରକେଲା ଇସ୍ପାତ କାରଖାନା ଗତ ଜାନୁୟାରୀ ମାସରେ ୨୬୫୧ ହିଟ୍‌ର ଏକ ନୂତନ ଟର୍ପେଡୋ ଲାଡେଲ ଲାଇଫ ରେକର୍ଡ ସୃଷ୍ଟି କରିଛି। ପୂର୍ବରୁ ଶ୍ରେଷ୍ଠ ୨୫୪୮ ହିଟ୍ ଟର୍ପେଡୋ ଲାଡେଲ ଲାଇଫ୍ ରେକର୍ଡକୁ ଏହା ଅତିକ୍ରମ କରିଛି। ନୂତନ ଟର୍ପେଡୋ ପ୍ରଦର୍ଶନ ଦେଶର ସମସ୍ତ ଇସ୍ପାତ କାରଖାନା ମଧ୍ୟରେ ସର୍ବୋଚ୍ଚ ଲାଡେଲ ଲାଇଫ୍ ସାବ୍ୟସ୍ତ ହୋଇଛି। ୨୦୨୨ ଡିସେମ୍ବର ୩୧ରେ ଟର୍ପେଡୋ ଲେଡଲ୍-୬ଟି ୨୫୪୮ ହିଟ୍ ପୂର୍ବ ଶ୍ରେଷ୍ଠ ରେକର୍ଡ ହାସଲ କରିଥିଲ। ଜାନୁୟାରୀ ୨୨ରେ ୮୧୩୬୯୭ ଟନ୍ ଉତ୍ତପ୍ତ ଧାତୁ ବହନ କରିବା କ୍ଷମତା ହାସଲ କରି ୨୬୫୧ ହିଟ୍ ଲାଇଫ୍ ସହ ଡିବ୍ରିକିଂ ପାଇଁ ଅପସରଣ ହୋଇଥିଲା। ରିଲାଇନିଂ ପରେ ୬ନମ୍ବର ଟର୍ପେଡୋ ଜାନୁୟାରୀ ୨୭ ତାରିଖକୁ ପୁନଶ୍ଚ ସେବାରେ ନିୟୋଜିତ କରା ଯାଇଥିଲା। ଟର୍ପେଡୋର କାର୍ଯ୍ୟକ୍ଷମ ସମୟ ମଧ୍ୟରେ ନିୟମିତ ଲେଡଲ ଯାଞ୍ଚ ଏବଂ ଥର୍ମାଲ ପ୍ରୋଫାଇଲ ସାଧାରଣ ଓ ସ୍ଥାନୀୟ ମରାମତି ପାଇଁ ଜରୁରୀ କାର୍ଯ୍ୟସୂଚୀ ଚିହ୍ନଟ କରିବାରେ ବିଶେଷ ସହଯୋଗୀ ସାବ୍ୟସ୍ତ ରହିଥିଲା। ସମ୍ଭାବ୍ୟ ଉତ୍ତାପ କ୍ଷେତ୍ର ଜାଣିବା ପାଇଁ ପ୍ରତ୍ୟେକ ହିଟ୍ ପରେ ଥର୍ମାଲ ସ୍କାନିଂ କରାଯାଇଥିଲା ଏବଂ ଟର୍ପେଡୋର ଜୀବନ ବୃଦ୍ଧି ପାଇଁ ଆବଶ୍ୟକ ଅନୁଯାୟୀ ନିୟମିତ ରକ୍ଷଣାବେକ୍ଷଣ କରାଯାଇଥିଲା। କାରଖାନା ଉତ୍ପାଦନରେ ଉନ୍ନତି ଆଣିବା ସକାଶେ ଟର୍ପେଡୋ ଲେଡଲ ଉପଲବ୍ଧତା ବଜାୟ ରଖିବା ପାଇଁ ଆର୍‌ଏସ୍‌ପିର ରିଫ୍ରାକ୍ଟୋରି ଇଞ୍ଜିନିୟରିଂ ବିଭାଗ ଟର୍ପେଡୋ ଲେଡଲର ସେବା ଜୀବନକୁ ସମ୍ପ୍ରସାରିତ କରିବା ଉପରେ ଧ୍ୟାନ ଦେଇଥିଲା। ଲେଡଲ ଲାଇଫ୍‌କୁ ପ୍ରଭାବଶାଳୀ ଭାବେ ବଢାଇବାକୁ ବିଭିନ୍ନ ଅଭିନବ କୌଶଳ ଆଦି ଗ୍ରହଣ କରାଗଲା। ଏହିସବୁ ପ୍ରୟାସ ମାଧ୍ୟମରେ ଆର୍‌ଏସ୍‌ପି ସଫଳତା ହାସଲ କରିପାରିଛି। କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର୍ ସୂର୍ଯ୍ୟବଂଶୀ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ ଟର୍ପେଡୋ ରିପେୟାର ସପ୍ ପ୍ରଦର୍ଶନ କରିଥିଲେ। ଏହି ଅବସରରେ କେକ୍ ମଧ କଟାଯାଇଥିଲା। ଏସ୍‌ଏମ୍‌ଏସ୍-୨ ବିଭାଗ ସିଜିଏମ୍ ଟି. ପି. ଶିବଶଙ୍କର, ରିଫ୍ରାକ୍ଟୋରି ବିଭାଗର ଜିଏମ୍ ଇନ୍‌ଚାର୍ଜ ଏସ୍. ଏସ୍ ପଣ୍ଡା ଏବଂ ବିଭାଗର ଅନ୍ୟ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

### ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୂପାନ୍ତରୀକରଣ ଦାବି

**ରୁପ୍ରାରୋଡ,୨୫।୨(ଡି.ଏନ.ଏ.)**

ସରକାରଙ୍କ ୫-ଟି ଅଧୀନରେ 'ଆମ ହସ୍ପିଟାଲ' ଯୋଜନାରେ ରାଜ୍ୟର ୧୪୭ଟି ନିର୍ବାଚନମଣ୍ଡଳୀରେ ଚିହ୍ନଟ ହୋଇଥିବା ଡାକ୍ତରଖାନାର ସର୍ବାଙ୍ଗୀନ ଉନ୍ନତି ପାଇଁ ସ୍ୱାସ୍ଥ୍ୟ ବିଭାଗ ବିଜ୍ଞପ୍ତି ଜାରି କରିଛି। ହେଲେ କଳାହାଣ୍ଡି ଜିଲା ନର୍ଲା ନିର୍ବାଚନ ମଣ୍ଡଳୀର ମୁଖ୍ୟ ବ୍ଲକ ହୋଇଥିଲେ ହେଁ ନର୍ଲାକୁ ଅଣଦେଖା କରାଯାଉଛି। ରାଜନୈତିକସ୍ତରରେ ମଧ ନର୍ଲାକୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି। ନର୍ଲା ହେଉଛି ନିର୍ବାଚନ ମଣ୍ଡଳୀର ମୁଖ୍ୟ କାର୍ଯ୍ୟାଳୟ ଏବଂ ଜିଲାର ଅନ୍ୟତମ ବଡ ବ୍ଲକ। ଲୋକସଂଖ୍ୟା ଓ ଭୋଟର ସଂଖ୍ୟା ଦୃଷ୍ଟିରୁ ନିର୍ବାଚନ ମଣ୍ଡଳୀର ଅଧାରୁ ବି ଅଧିକ ନର୍ଲା ବ୍ଲକରେ ରହିଥିବା ବେଳେ ସ୍ୱାସ୍ଥ୍ୟସେବା ଦୃଷ୍ଟିରୁ ମଧ ପଛରେ ରହିଛି। ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା ପାଇ ଅନେକ ବର୍ଷ ପରେ ବି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପଛରେ ରହିଛି। ଡ଼ାକ୍ତରଖାନାରେ ଆବଶ୍ୟକ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ନାହାନ୍ତି। ରାଜନୈତିକ ଅଭିସନ୍ଧି ରଖି ଏଠାରେ ନିୟୋଜିତ ଡାକ୍ତରଙ୍କୁ ଡେପୁଟେଶନରେ ଅନ୍ୟ ଡାକ୍ତରଖାନାରେ ନିୟୋଜିତ କରାଯାଇଛି। ବର୍ତ୍ତମାନ ୮ଜଣ ଡାକ୍ତର ରହିବା ସ୍ଥଳରେ ୨ଜଣ ଅଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବ୍ୟତୀତ ୪ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଉପକେନ୍ଦ୍ରଗୁଡ଼ିକରେ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀଙ୍କ ଅଭାବ ନେଇ କେହି ଶୁଣୁନାହାନ୍ତି।

# ଚଳାକଳା ନୃତ୍ୟ ପରିଷଦକୁ ଚାମ୍ପିୟନ ଟ୍ରଫି



ଅତିଥିମାନଙ୍କ ଗହଣରେ ଚାମ୍ପିୟନ ଦଳର କଳାକାରଗଣ।

**ରାଉରକେଲା ଅଫିସ,୨୫।୨**

**ସିନର୍ଜୀ ଲୋକ ସାଂସ୍କୃତିକ ମହୋତ୍ସବ**

ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ସିଭିକ ସେଣ୍ଟରଠାରେ ଶନିବାର ସିନର୍ଜୀ ଲୋକ ସାଂସ୍କୃତିକ ମହୋତ୍ସବର ବୃତ୍ତାନ୍ତ ରାଉଣ୍ଡରେ ଲାଠିକଟା ବ୍ଲକ ବଲାଣି ଗାଁ ମାଁ ଚଳାକଳା ପରିଷଦ ଚାମ୍ପିୟନ ହୋଇଛି। ଏହି ମହୋତ୍ସବରେ ଲାଠିକଟା, ନୂଆଁଗା, ବିଶ୍ରା ଓ କୁଆଁରମୁଣ୍ଡା ବ୍ଲକର ୧୨୦ଟି ନୃତ୍ୟଦଳ ବ୍ଲକ ଓ ଜୋନାଲସ୍ତରୀୟ ପ୍ରତିଯୋଗିତାରେ ନୃତ୍ୟକଳା ପ୍ରଦର୍ଶନ ପାଇଁ ଭାଗ ନେଇଥିଲେ। ଶନିବାର ଲାଠିକଟା ବ୍ଲକ ବଲାଣି ଗାଁ ଚଳାକଳା ପରିଷଦ ଚିତ୍ତାକର୍ଷକ ନୃତ୍ୟକଳା ପ୍ରଦର୍ଶନ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। କାର୍ଯ୍ୟକ୍ରମରେ ଆର୍‌ଏସ୍‌ପି କାର୍ଯ୍ୟବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏସ୍.ଆର. ସୂର୍ଯ୍ୟବଂଶୀ ମୁଖ୍ୟ ଅତିଥି, ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ ଏବଂ ସହର ପ୍ରଶାସନ ବିଭାଗର ସିଜିଏମ୍ ପି.କେ. ସ୍ୱାଇଁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ସୂର୍ଯ୍ୟବଂଶୀ ନୃତ୍ୟଶିଳ୍ପୀମାନଙ୍କ ନିଖୁଣ ନୃତ୍ୟକଳାର ପ୍ରଶଂସା କରିବା ସହ ଆଞ୍ଚଳିକ ଲୋକ ସଂସ୍କୃତି ସଭ୍ୟତାର ଝଲକ କେବଳ ଲୋକ ସାଂସ୍କୃତିକ ନୃତ୍ୟ କଳାକାରମାନଙ୍କ ପାଖରେ ଦେଖିବାକୁ ମିଳିଥାଏ ବୋଲି କହିଥିଲେ। ମହୋତ୍ସବରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବଲାଣି ଗାଁ ଚଳାକଳା ଦଳକୁ ଟ୍ରଫି ସହ ୧୦ହଜାର ଟଙ୍କା, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ସାଲିଆଟୋଲା ଗ୍ରାମର ବୀରକେରା ସାଂସ୍କୃତିକ ଦଳକୁ ଟ୍ରଫି ସହ ୯ହଜାର ଟଙ୍କା ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ବିଶ୍ରା ବ୍ଲକ ନୂଆଟୋଲି ସାରୁବାହଲ ଗାଁର ଲକ୍ଷ୍ମୀ ନୃତ୍ୟକଳା ପରିଷଦକୁ ୮ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ମହୋତ୍ସବରେ ଭାଗ ନେଇଥିବା ଅନ୍ୟ ନୃତ୍ୟକଳା ପରିଷଦକୁ ମଧ ୩ହଜାର ଟଙ୍କା ଲେଖାଏଁ ସାନ୍ତ୍ୱନାମୂଳକ ପୁରସ୍କାର ଦିଆଯାଇଥିଲା। ପି. କେ. ସ୍ୱାଇଁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ସିନିୟର ଫିଲ୍ଡ ଆସିଷ୍ଟାଣ୍ଟ ବି. ଏକ୍କା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସିଏସ୍‌ଆର ବିଭାଗର ଏଜିଏମ୍ ଟିବି ଟପ୍ପୋ ଧନ୍ୟବାଦ ଅର୍ପଣ କରିଥିଲେ।

# ବଳାତ୍କାରୀଙ୍କୁ ୧୦ବର୍ଷ ଜେଲ ଦଣ୍ଡାଦେଶ

**ଭବାନୀପାଟଣା,୨୫।୨(ସ୍ୱ.ପ୍ର.)**

**ପୀଡ଼ିତାଙ୍କୁ ୬ ଲକ୍ଷ ଟଙ୍କା କ୍ଷତିପୂରଣ**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଅଞ୍ଚଳର ଜଣେ ନାବାଳିକା ବଳାତ୍କାର ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ଭବାନୀପାଟଣା ଅତିରିକ୍ତ ଜିଲା ଓ ଦୌରା ଜଜ୍ ଯଦୁମଣି ମିଶ୍ର (ଫାଷ୍ଟଟ୍ରାକ ସ୍ପେଶାଲ କୋର୍ଟ) ୨୦ଜଣ ସାକ୍ଷ୍ୟ ଓ ପ୍ରମାଣକୁ ଆଧାର କରି ଅଭିଯୁକ୍ତ ଚକ୍ରଧର ନାଗ ଓରଫ ହୃଦାଙ୍କୁ ୧୦ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇବା ସହ ଓ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଆହୁରି ୬ମାସ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ରହିଛି। ସେହିପରି ଏହି ମାମଲାରେ ପୀଡ଼ିତାଙ୍କୁ ୬ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ମଧ ନିର୍ଦ୍ଦେଶ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗତ ୧୮।୨।୨୦୧୮ରେ ନାବାଳିକା ଜଣକ ନଳକୂପକୁ ଗାଧୋଇବାକୁ ଯାଇଥିଲେ। ନାବାଳିକାଙ୍କୁ ଏକୁଟିଆ ଦେଖି ହୃଦା ନିକଟସ୍ଥ ଅଙ୍ଗନୱାଡି କୋଠାକୁ ଟେକି ନେଇ ବଳାତ୍କାର କରିଥିଲେ। ନାବାଳିକା ଘରକୁ ଆସି ଘଟଣା ସମ୍ପର୍କରେ ମା' ବାପାଙ୍କୁ ଜଣାଇଥିଲେ। ପ୍ରଥମେ ତାଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ବିଷମକଟକ ଡାକ୍ତରଖାନାକୁ ନେଇ ଚିକିତ୍ସା କରାଇଥିଲେ। ଏହି ଘଟଣା ନେଇ ନାବାଳିକାଙ୍କ ଜେଜେବାପା ଗୋଲାମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ପୋକ୍‌ସୋ ଆକ୍ଟରେ ଏକ ମାମଲା (ନଂ.୨୯/୧୮)ରୁଜୁ କରି ହୃଦାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲା ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ଭବାନୀ ଶଙ୍କର ମିଶ୍ର ଓ ଅଭିଯୁକ୍ତଙ୍କ ପକ୍ଷରୁ ଏସଡିସି ଶୈଳେଶ କୁମାର ବେହେରା ପରିଚାଳନା କରିଥିଲେ।

### ବିହାରକୁ ଗଞ୍ଜେଇ ଚୋରାଚାଲାଣ, ୨ ଗିରଫ

**୪୦ କିଲୋ ଗଞ୍ଜେଇ ଜବତ**



**ସୋନପୁର,୨୫।୨(ନି.ପ୍ର.)**

ଓଡିଶାରୁ ରାଜ୍ୟ ଓ ରାଜ୍ୟ ବାହାରକୁ ଗଞ୍ଜେଇ ଚାଲାଣ ଜାରି ରହିଛି। ଶନିବାର କନ୍ଧମାଳ ଜିଲା ମୋହନା ଅଞ୍ଚଳରୁ ଏକ କାରରେ ବିହାରକୁ ଗଞ୍ଜେଇ ଚୋରାଚାଲାଣ କରା ଯାଉଥିଲା ବେଳେ ସୁବର୍ଣ୍ଣପୁର ଜିଲା ଅବକାରୀ ବିଭାଗ ହାତରେ ଧରାପଡିଛି । ଅବକାରୀ ଟିମ୍ ପକ୍ଷରୁ ସକାଳେ ପାଟ୍ରୋଲିଂ ଚାଲିଥିବା ବେଳେ ବୌଦ୍ଧ ଜିଲା ମନମୁଣ୍ଡା ପଟୁ ବିହାର ନମ୍ବର ଥିବା ଏକ ମହିନ୍ଦ୍ରା କେୟୁଭି ୧୦୦ କାର ଦ୍ରୁତ ବେଗରେ ମାଡି ଆସିଥିଲା । ଅବକାରୀ ଟିମ୍ ପିଛା କରି ପଟାଭାଡି ଛକରେ କାର ନମ୍ବର ବିଆର୦୧ପିକେ-୬୪୩୬କୁ ଅଟକାଇବାରେ ସକ୍ଷମ ହୋଇଥିଲେ । କାର ଭିତରେ ଯାଞ୍ଚ ପରେ ୪୦ କିଲୋ ଗଞ୍ଜେଇ ମିଳିଥିଲା । ଅବକାରୀ ବିଭାଗ ପକ୍ଷରୁ ଗଞ୍ଜେଇ ଓ କାରକୁ ଜବତ କରାଯାଇଛି । ଏହି ଘଟଣାରେ ବିହାର ସାତାମାର୍ହି ଜିଲା ସୁଗ୍ରୀକାଣ୍ଡଲା ଅଞ୍ଚଳର ରାଜ ଯାଦବ(୩୩) ଓ ପାଟଣା ଜିଲା ଘନ କଲୋନୀ ରାମକୃଷ୍ଣ ନଗର ଅଞ୍ଚଳର ଚନ୍ଦନ କୁମାର(୩୩)ଙ୍କୁ ଗିରଫ କରାଯାଇଛି । ଏ ସମ୍ପର୍କରେ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି । ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଇନ୍ସପେକ୍ଟର ରାଧାକାନ୍ତ ଭୋଇ, ସବ୍ ଇନ୍ସପେକ୍ଟର ସୁଧୀର ମିଶ୍ର ଓ ବିଭାଗର କର୍ମଚାରୀ ଏହି ଚଢାଉରେ ସାମିଲ ଥିଲେ। ପ୍ରକାଶ ଯେ, ଗୁରୁବାର ସୋନପୁର ଅବକାରୀ ବିଭାଗର ମୋବାଇଲ ଟିମ୍ ଚଢାଉ କରି ଆମ୍ବୁଲାନ୍ସରେ ଛତିଶଗଡକୁ ଚୋରାଚାଲାଣ ହେଉଥିବା ୪ କୁଇଣ୍ଟାଲ ୨୦ କିଲୋ ଗଞ୍ଜେଇ ଜବତ କରିଥିଲେ ।

# ମାର୍ଚ୍ଚ ୧ରେ ରାଉରକେଲା ବନ୍ଦ

- ଡାକରା ଦେଲା ନାଗରିକ ସୁରକ୍ଷା କମିଟି
- ସୁପରସ୍ପେଶାଲିଟି ହସ୍ପିଟାଲ ହସ୍ତାନ୍ତରକୁ ବିରୋଧ

**ରାଉରକେଲା ଅଫିସ,୨୫।୨**


ଖବରଦାତା ସମ୍ମିଳନୀରେ ମଞ୍ଚାସୀନ କମିଟି ସଦସ୍ୟଗଣ।

ରାଉରକେଲା ସୁପରସ୍ପେଶାଲିଟି ହସ୍ପିଟାଲକୁ ଆପୋଲୋ ଭଳି ଏକ କର୍ପୋରେଟ୍ ସଂସ୍ଥାକୁ ହସ୍ତାନ୍ତର କରାଯିବାକୁ ନେଇ ବିରୋଧ ତେଜିବାରେ ଲାଗିଛି। ଏହାର ପ୍ରତିବାଦରେ ମାର୍ଚ୍ଚ ୧ ତାରିଖରେ ୧୨ ଘଣ୍ଟିଆ ରାଉରକେଲା ବନ୍ଦ ଡାକରା ଦେଇଛି ରାଉରକେଲା ନାଗରିକ ସୁରକ୍ଷା କମିଟି। ଏ ନେଇ ଶନିବାର ଭଞ୍ଜ ଭବନରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ବନ୍ଦ ପାଳନ କରାଯିବ। ଏହି ସମୟରେ ଜରୁରୀ ସେବା ଯଥା ଔଷଧ ଦୋକାନ, ଡାକ୍ତରଖାନା, ଆମ୍ବୁଲାନ୍ସ ସେବା, ଦୁଗ୍ଧ ଯୋଗାଣ, ଜଳ ଓ ବିଦ୍ୟୁତ୍‌ଜନିତ ସେବା ଓ ପରୀକ୍ଷା ଆଦିକୁ ବନ୍ଦ ଡାକରାରୁ ବାଦ୍ ଦିଆଯାଇଛି। ଏଥିପାଇଁ ଆସନ୍ତା ୨୭ ଓ ୨୮ ତାରିଖ ଦୁଇଦିନ ଧରି ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା କରି ଜନସଚେତନତା ସୃଷ୍ଟି କରିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି କମିଟି ସଦସ୍ୟ ବିଷ୍ଣୁ ମହାନ୍ତି, ହରିହର ରାଉତରାୟ, ଅଭୟ ଦାଶ, ସଞ୍ଜୀବ ମହାନ୍ତି, ସୁରେଶ ମାଝୀ, ପ୍ରଶାନ୍ତ ସେଠୀ ପ୍ରମୁଖ ସୂଚନା ଦେଇଛନ୍ତି।

# ନକ୍‌ଆଉଟ କ୍ରିକେଟ: ଜମାଗୁଡ଼ା ବିଜୟୀ

**ଲାଞ୍ଜିଗଡ଼,୨୫।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ପାହାଡ଼ପଦର ପଞ୍ଚାୟତ ପାହାଡ଼ପଦର ଗାଁ ଖେଳପଡିଆଠାରେ କୈବଲ୍ୟ ପୁଟା ମେମୋରିଆଲ ନକଆଉଟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଜମାଗୁଡା ଓ ବଙ୍କାକୁଣ୍ଡରୁ ଦଳ ମଧ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚ୍‌ରେ ଜମାଗୁଡା ବିଜୟୀ ହୋଇଥିଲା। ଜମାଗୁଡା ପ୍ରଥମେ ଟସ ଜିତି ବ୍ୟାଟିଂ କରି ୧୧୦ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ବଙ୍କାକୁଣ୍ଡରୁ ୯୦ ରନ କରି ସମସ୍ତ ଉଇକେଟ ହରାଇ ପରାଜୟ ହୋଇଥିଲା। ଉଦ୍‌ଘାଟନୀ ମ୍ୟାଚରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ପାହାଡ଼ପଦର ସରପଞ୍ଚ ଲକ୍ଷଣ ମାଝି, ନାଏବ ସରପଞ୍ଚ ପ୍ରତିନିଧି ବୈଦ୍ୟନାଥ ନାଏକ ପ୍ରମୁଖ ଯୋଗଦେଇଥିଲେ। ଖୁସିରାମ ପୁଟା ଓ ରାମଯୋଗୀ ସାହୁ ଉଦଘାଟନୀ ମ୍ୟାଚ ପରିଚାଳନା କରିଥିବାବେଳେ ସ୍କୋର ବୋର୍ଡରେ ସୁଧିର ସାହୁ ଓ ବାଲିସେନ ବିଭାର ଧାରାବିବାରଣୀରେ ସହଯୋଗ କରିଥିଲେ।

# କୁଲିଆବନ୍ଧା ଉଚ୍ଚ ବିଦ୍ୟାଳୟରେ ଡ୍ରଇଂ ପ୍ରତିଯୋଗିତା

**ନୂଆପଡ଼ା ଅଫିସ,୨୫।୨**

ନୂଆପଡା ସଦର ବ୍ଲକ କୁଲିଆବନ୍ଧା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଡ୍ରଇଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବ କେନ୍ଦ୍ର ନୂଆପଡା ସ୍ୱେଚ୍ଛାସେବୀ ବିଶାଖା ହରିଜନଙ୍କ ନେତୃତ୍ୱରେ ଆୟୋଜିତ ପ୍ରତିଯୋଗିତାରେ ପୁରାତନ ଜାତୀୟ ସ୍ୱେଚ୍ଛାସେବୀ ପ୍ରଧାନ ଶିକ୍ଷକ କିଶୋର କୁମାର ପରିଡା ମୁଖ୍ୟଅତିଥି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସମିର କୁମାର ବେହେରା, ରବି ଶଙ୍କର ଭୋଇ, ଗୁଣ ସାଗରଦ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତିଯୋଗିତାରେ ବିଦ୍ୟାଳୟର ୨୦ଜଣ ଛାତ୍ରୀଛାତ୍ର ଭାଗ ନେଇଥିବା ବେଳେ ସୁରେଶ ରଣା ପ୍ରଥମ, ପିଙ୍କି ମାଝି ଦ୍ୱିତୀୟ ଓ ଡିଗେଶ ଦାସ ତୃତୀୟ ସ୍ଥାନ ଅଧିକାର କରି ଅତିଥିମାନଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ।

# ବିଜୁ ଏକ୍ସପ୍ରେସ୍‌ୱେ, ଇନ୍‌ଡୋର ଷ୍ଟାଡିୟମ ହେବ ଲୋକାର୍ପଣ

**୫ରେ ମୁଖ୍ୟମନ୍ତ୍ରୀଙ୍କ ନୂଆପଡ଼ା ଜିଲା ଗସ୍ତ**

**ନୂଆପଡ଼ା ଅଫିସ,୨୫।୨**


ଉଦ୍‌ଘାଟିତ ହେବାକୁ ଥିବା ବିଜୁ ଏକ୍ସପ୍ରେସ୍ ୱେ।

ଆସନ୍ତା ମାର୍ଚ୍ଚ ୫ରେ ଦିନିକିଆ ନୂଆପଡା ଜିଲା ଗସ୍ତରେ ଆସୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଜୁ ଏକ୍ସପ୍ରେସୱେ ସାଙ୍ଗକୁ ନୂଆପଡା ଓ ଖରିଆର ରୋଡଠାରେ ନବନିର୍ମିତ ଇନଡୋର ଷ୍ଟାଡିୟମ ଲୋକାର୍ପଣ କରିବା କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ନେଇ ଶୁକ୍ରବାର ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳଙ୍କ ସଦଭାବନା ଗୃହରେ ଜିଲାପାଳ ହେମକାନ୍ତ ସାଏଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଏସ୍‌ପି ଗୁନ୍ଦାଳା ରେଡ୍ଡୀ ରାଘବେନ୍ଦ୍ର ସମେତ ବହୁ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଜିଲାପାଳ ଓ ଏସପି ବିଜୁ ଏକ୍ସପ୍ରେସ ୱେ ପରିଦର୍ଶନ କରିବା ସହ କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରିଛନ୍ତି। ମାର୍ଚ୍ଚ ୫ରେ ପ୍ରଥମେ ଜିଲାର କୋମନା ବ୍ଲକ ଦର୍ଲିପଡା ପଞ୍ଚାୟତ ସିଲେଟପାଣି ଗାଁ ନିକଟରେ ବିଜୁ ଏକ୍ସପ୍ରେସ ୱେ ରାସ୍ତା ପାର୍ଶ୍ୱରେ ହେଲିକେପ୍ଟରରେ ଅବତରଣ କରି ଜନତାଙ୍କୁ ଉଦ୍‌ବୋଧନ ଦେବେ। ସେଠାରୁ କଳାହାଣ୍ଡି ଜିଲା ଧର୍ମଗଡ ଅଭିମୁଖେ ଯିବେ।

ସୂଚନାରୁ ପ୍ରକାଶ ଯେ, ରାଉକେଲା ଷ୍ଟିଲ ସିଟିରୁ ଆରମ୍ଭ ହୋଇ କୋରାପୁଟ ଚାନ୍ଦିଲି ପର୍ଯ୍ୟନ୍ତ ଯାଇ ଜଗଦଲପୁରକୁ ସଂଯୋଗ କରିବା ପାଇଁ ରାଜ୍ୟ ସରକାର ବିଜୁ ଏକ୍ସପ୍ରେସ ୱେ ନିର୍ମାଣ କରିଛନ୍ତି। ପଶ୍ଚିମ ଓଡିଶାର ରାଉରକେଲା, ସମ୍ବଲପୁର, ବରଗଡ, ନୂଆପଡା, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଭଳି ଜିଲାର ଗ୍ରାମାଞ୍ଚଳର ଲୋକମାନଙ୍କୁ ସହର ସହିତ ଯୋଡି ଆର୍ଥିକ ଉନ୍ନତି କରିବାକୁ ଲକ୍ଷ୍ୟ ରଖିଛନ୍ତି। ନୂଆପଡା ଜିଲା ସଦର ମହକୁମା ସାହିପଲାଠାରୁ ସିନାପାଲି ବ୍ଲକ ଧିଙ୍ଗିଆମୁଣ୍ଡା ପର୍ଯ୍ୟନ୍ତ ପ୍ରାୟ ୧୨୧ କି.ମି. ଚାରି ଥାକିଆ ରାସ୍ତା ନିର୍ମାଣ ହୋଇଛି।

**SUMMONS FOR SETTLEMENT OF ISSUES**
Under Order V Rule 20 CPC 1908
IN THE COURT OF SENIOR CIVIL JUDGE, ROURKELA
Civil Suit No. 72 / 2015

**Vijaya Bank (Now Bank of Baroda)** ...Plaintiff
: Versus :
**Sri Gurinder Singh Sharma and Another** ...Defendants

To,
1. **Sri Gurinder Singh Sharma,** S/o- Tarlok Singh Sharma, C/o: Sharma Electricals, Power House Road, Rourkela, P.S.: Plantsite, Dist.: Sundargarh, Odisha.
2. **Sri Subrata Chatterjee,** S/o- B.K. Chotterjee, Resident of Qrs. No.- B/408, Koelnagar, Rourkela-14, P.S.: Jhirpani, Dist: Sundargarh, Odisha, vide PL No. 941366 office of Horticulture Deptt., IG Park SAIl Rourkela.

Whereas you are avoiding the process of the court to receive the summons and Whereas ***the Plaintiff*** has instituted a suit against you, you are hereby summoned to appear in this Court in person, or by a pleader duly instructed and able to answer all material questions relating to the suit, or who shall be accompanied by some person able to answer all such questions, on the **27th day of March 2023 at 10.30 A.M.** O' Clock in the fore noon, to answer the claim, and you are directed to produce on that day all the documents upon which you intend to rely in support of your defence.

Take notice that, in default of your appearance on the day before mentioned, the suit will be heard and determined in your absence.

Given under my hand and the seal of the Court, this the **13th Day of December, 2022.**

S/d- Sr. Civil Judge
ROURKELA

## ଭାଗବତ ପାରାୟଣ ଉଦ୍‌ଯାପିତ

ନୂଆପଡ଼ା ଅଫିସ: ନୂଆପଡା ସଦର ବ୍ଲକ ସାରାବଙ୍ଗ ପଞ୍ଚାୟତ ଲାଞ୍ଜିମାର ବିଦ୍ୟାଳୟ ପଡିଆରେ ରାଷ୍ଟ୍ରୀୟସ୍ତରୀୟ ପ୍ରବଚକ ସନ୍ଥ ରାଜୀବ ନୟନ ମହାରାଜଙ୍କ ଦ୍ୱାରା ଭାଗବତ ପାରାୟଣ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଛି। ଏଥିରେ ସାରାବଙ୍ଗ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ସନ୍ଥ ମହାରାଜଙ୍କ ପ୍ରବଚନ ଶୁଣିଥିଲେ। କାର୍ଯ୍ୟକ୍ରମ ପ୍ରତିଦିନ ଗୋଟାଏରେ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲୁଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା କୋଣ ଅନୁକୋଣରୁ ଶ୍ରଦ୍ଧାଳୁ ଓ ପଦାଧିକାରୀମାନଙ୍କ ସହ ସ୍ଥାନୀୟ ସମିତି ସଭ୍ୟା ଜାଗୃତି ସାହୁ ଯୋଗଦେଇ ସନ୍ଥ ମହାରାଜଙ୍କ ଆର୍ଶୀବାଦ ନେଇଥିଲେ।

## ସଂକ୍ଷେପରେ

### ଏନଟିଏ ସ୍କୋର କାର୍ଡ ପରୀକ୍ଷାରେ ଶୁଭଶ୍ରୀ କୃତକାର୍ଯ୍ୟ

**ଭବାନୀପାଟଣା,୨୫।୨(ସ୍ୱ.ପ୍ର.):** କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଅନୁଷ୍ଠିତ ଏନଟିଏ (ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସୀ)



ସ୍କୋର୍ କାର୍ଡ ପରୀକ୍ଷାରେ କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚାରବାହାଲ ଗ୍ରାମର ଶୁଭଶ୍ରୀ ନନ୍ଦିତା କୃତକାର୍ଯ୍ୟ ହୋଇଛନ୍ତି। ଜାତୀୟସ୍ତରରେ ଅନୁଷ୍ଠିତ ହୋଇଥିବା ଏହି ପରୀକ୍ଷାରେ କୃତକାର୍ଯ୍ୟ ହେବା ପରେ ସେ ସୈନିକ ସ୍କୁଲରେ ପଢ଼ିବାର ସୁଯୋଗ ପାଇବେ। ଛାତ୍ରୀମାନଙ୍କୁ ସୈନିକ ସ୍କୁଲରେ ପଢ଼ିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଘୋଷଣା ପରେ ଜାତୀୟସ୍ତରରେ ଏହି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଚାରବାହାଲ ନରେଶ କୁମାର ଚଲାନ ଓ ନନ୍ଦିନୀ ଚଲାନଙ୍କ ସୁପୁତ୍ରି ହେଉଛନ୍ତି ଶୁଭଶ୍ରୀ। ଏହାସହ ଖବରଦାତା ରବି ନାରାୟଣ ଚଲାନଙ୍କ ଝିଆରୀ। ସେ ବର୍ତ୍ତମାନ ଭବାନୀପାଟଣା ଏକ ଘରୋଇ ଆବାସିକ ଇଂରାଜୀ ମାଧମ ବିଦ୍ୟାଳୟରେ ପଢୁଛନ୍ତି। ଶୁଭଶ୍ରୀ କୃତକାର୍ଯ୍ୟ ହେବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

### ବାଇକ୍ ଦୁର୍ଘଟଣା: ଜଣେ ମୃତ, ଜଣେ ଆହତ

**କର୍ଲାମୁଣ୍ଡା,୨୫।୨(ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ଶିବ ମନ୍ଦିର ଛକ ଉତେଇ ନଦୀ ବ୍ରିଜ ସନ୍ନିକଟରେ ଶୁକ୍ରବାର ଏକ ବାଇକ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତକ ହେଲେ ସୁବର୍ଣ୍ଣପୁର ଜିଲା ବାଲିଖମାର ଗ୍ରାମର ଘନଶ୍ୟାମ ରଣା (୬୦) ଏବଂ ଆହତ ବ୍ୟକ୍ତି ହେଲେ ବଲାଙ୍ଗୀର ଜିଲା ତରାସିଙ୍ଗା ଗ୍ରାମର ଧନଞ୍ଜୟ ରଣା (୫୫)। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଧନଞ୍ଜୟ ଓ ଘନଶ୍ୟାମ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପୌରକେଲା ଗ୍ରାମରୁ ଏକ ବିବାହ ଭୋଜି ଖାଇ ତରାସିଙ୍ଗାକୁ ବାଇକ୍‌ରେ ଫେରୁଥିଲେ। କେସିଙ୍ଗା ବ୍ଲକ ବେଲଖଣ୍ଡି ଶିବ ମନ୍ଦିର ଛକ ଉତେଇ ନଦୀ ବ୍ରିଜ ସନ୍ନିକଟଠାରେ ଏକ ସାଇନ ବୋର୍ଡ ଲାଗିଥିବା ଖମ୍ବରେ ପିଟି ହୋଇ ଛିଟିକି ପଡ଼ିଥିଲେ। ଲୋକମାନେ ଆମ୍ବୁଲାନ୍ସ ଡାକି କର୍ଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉଭୟଙ୍କୁ ଆଣିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଘନଶ୍ୟାମଙ୍କ ମୃତ୍ୟୁ ଘଟିଥିଲା। ଆହତ ଧନଞ୍ଜୟ ରଣାଙ୍କୁ ବଲାଙ୍ଗୀର ଡାକ୍ତରଖାନା ପଠାଯାଇଛି। ପଲମ ଫାଣ୍ଡି ଅଧିକାରୀ ଅକ୍ଷୟ ପଟ୍ଟନାୟକ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ମ.ରାମପୁର ପଠାଇଥିଲେ। ଏ ନେଇ କେସିଙ୍ଗା ଥାନାରେ ଏକ ମାମଲା (ନଂ. ୭୪/୨୩) ରୁଜୁ ହୋଇଛି।

### କାର ଦୁର୍ଘଟଣାରେ ବ୍ଲକ ହିସାବ ପରିଚାଳକଙ୍କ ମୃତ୍ୟୁ

**ଭବାନୀପାଟଣା,୨୫।୨(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମହିଚଲା ହନୁମାନ ମନ୍ଦିର ନିକଟରେ ଶୁକ୍ରବାର



ରାତିରେ ଏକ କାର ଦୁର୍ଘଟଣାରେ ଗୋଟିଏ ପରିବାର ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ଭବାନୀପାଟଣା ସହରର ସୁଶାନ୍ତ ପାଢ଼ି (୫୨)। ସୁଶାନ୍ତ ଗୋଲାମୁଣ୍ଡା ବ୍ଲକ ଚପ୍ରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ଲକ ହିସାବ ପରିଚାଳକ (ବାମ)ରେ କାର୍ଯ୍ୟରତ ଥିଲେ। ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ସୁଶାନ୍ତ ଓ ତାଙ୍କ ପରିବାର ଜୟପୁରରୁ ବିବାହ କାର୍ଯ୍ୟକ୍ରମରେ ଯୋଗଦେଇ କାର୍ (ନଂ. ସିଜି୦୭ଏକ୍ୟୁ-୮୯୯୯)ରେ ଘରକୁ ଫେରୁଥିଲେ। ମହିଚଲା ହନୁମାନ ମନ୍ଦିର ନିକଟ ୨୬ ନମ୍ବର ଜାତୀୟ ରାଜପଥରେ ଭାରସମ୍ୟ ହରାଇ ରାସ୍ତା କଡରେ ଥିବା ଏକ ଗଛରେ ପିଟି ହୋଇଥିଲେ। ଗୁରୁତର ଅବସ୍ଥାରେ ସମସ୍ତଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଜୁନାଗଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ସୁଶାନ୍ତଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ମୃତକଙ୍କ ସ୍ତ୍ରୀ ମଧୁସ୍ମିତା, ପୁଅ ଅଂଶୁମାନ, ଝିଅ ମାମାଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରୁ ସେମାନଙ୍କୁ ଭୁବନେଶ୍ୱରକୁ ପଠାଯାଇଥିବା ଜଣାପଡିଛି।

# ତ୍ରିକୋଣୀୟ ପ୍ରେମରୁ ଯୁବକଙ୍କୁ ହତ୍ୟା

**ଭବାନୀପାଟଣା,୨୫।୨(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୟପାଟଣା ଥାନା ଅଞ୍ଚଳରେ ତ୍ରିକୋଣୀୟ ପ୍ରେମରୁ ଦିଲୀପ ବାଗ (୧୭) ନାମକ ଜଣେ କଲେଜ ଛାତ୍ର ହତ୍ୟା ଘଟଣାର ପର୍ଦ୍ଦାଫାଶ କରି ପୋଲିସ। ଏହି ଘଟଣାରେ ଜୟପାଟଣା ପୋଲିସ ୪ଜଣଙ୍କୁ ଗିରଫ କରିଛି। ସେଥିମଧ୍ୟରେ ଜଣେ ନାବାଳକ ରହିଛନ୍ତି। ଶନିବାର ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମୋହନ ମାଝି, ଅବତାର ମାଝି, ଚନ୍ଦ୍ର ମାଝି। ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇଛି। ତ୍ରିକୋଣୀୟ ପ୍ରେମରୁ ଯୁବକଙ୍କୁ ହତ୍ୟା କରାଯାଇଛି ବୋଲି ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜୟପାଟଣା ଆଇଆଇସି ବାସୁଦେବ ଛତ୍ରିଆ ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କଠାରୁ ଅପରାଧରେ ବ୍ୟବହୃତ ସାମଗ୍ରୀ ଓ ବାର୍‌ହା ଫାଶ ପାଇଁ ପକାଯାଇଥିବା ସମସ୍ତ ଜିନିଷ ଜବତ ହୋଇଥିବା ଆଇଆଇସି ଛତ୍ରିଆ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଗତ ୧୯ ତାରିଖରେ ଜୟପାଟଣା ଥାନା ପୋଲୋକାମୁଣ୍ଡା ଗ୍ରାମର କଲେଜ ଛାତ୍ର ଦିଲୀପ ନିଖୋଜ ଥିଲେ। ଏ ନେଇ ତାଙ୍କ ବାପା ଧୋବା ବାଗ ଥାନାରେ ଅଭିଯୋଗ କରିଥିଲେ। ଗତ ୨୧ ତାରିଖରେ



ଖବରଦାତା ସମ୍ମିଳନୀରେ ଆଇଆଇସି ସୂଚନା ଦେଉଛନ୍ତି।

**କଲେଜ ଛାତ୍ରଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାଶ**

- ୪ ଗିରଫ, ଜଣେ ନାବାଳକ ସାମିଲ
- ଖବରଦାତା ସମ୍ମିଳନୀରେ ଆଇଆଇସିଙ୍କ ସୂଚନା

କାଦୋପଦର ହାତୀନଦୀ ଘାଟ ନିକଟରେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ କରାଯାଇଥିଲା, ଯାହା ନିଖୋଜ ଦିଲୀପଙ୍କ ବୋଲି ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିପାରିଥିଲା। ପରେ ଦିଲୀପଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ ଜାରି ରଖି ଦିଲୀପଙ୍କ ୨ଜଣ ସାଙ୍ଗ ମୋହନ ଓ ଜଣେ ନାବାଳକଙ୍କୁ ପ୍ରଥମେ ଅଟକ ରଖି ପଚରାଉଚରା କରିଥିଲା। ପରବର୍ତ୍ତୀ ସମୟରେ ଅନ୍ୟ ୨ଜଣଙ୍କୁ ମଧ୍ୟ ଅଟକ ରଖି ପଚାରାଉଚରା କରିଥିଲା। ତଦନ୍ତ ପରେ ତ୍ରିକୋଣୀୟ ପ୍ରେମ ସମ୍ପର୍କରୁ ଦିଲୀପଙ୍କ ହତ୍ୟା ହୋଇଥିବା ଜଣାପଡିଥିଲା। ଜଣେ ଝିଅଙ୍କୁ ଦିଲୀପ ଓ ମୋହନ ଭଲ ପାଉଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ପରବର୍ତ୍ତୀ ସମୟରେ ଏହା ହତ୍ୟାର ରୂପ ନେଇଥିଲା। ଗତ ୧୮ ତାରିଖରେ ମୋହନ ଓ ନାବାଳକ ଦିଲୀପଙ୍କୁ କୌଶଳକ୍ରମେ ନିକଟସ୍ଥ ଏକ ନାଳକୁ ନେଇ ହତ୍ୟା କରିଥିଲେ। ପରେ ନିକଟରେ ବାର୍‌ହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ଫାଶରେ ଦିଲୀପଙ୍କୁ ପକାଇ ଦେଇ ଚାଲିଆସିଥିଲେ। ଫାଶ ପକାଇଥିବା ଦରଲୀପଡା ଗାଁର ଦୁଇ ଚାଷୀ ଅବତାର ମାଝି ଓ ଚନ୍ଦ୍ର ମାଝି ଫାଶ ତାରରେ ମୃତଦେହ ପଡିଥିବା ଦେଖି ଭୟଭୀତ ହୋଇପଡିଥିଲେ। ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ ହୋଇଥିବା ଭାବି ସେମାନେ ଗୋଟିଏ ଦିନ ମୃତଦେହ ଲୁଚାଇ ରଖିଥିଲେ। ପରେ ମୃତଦେହକୁ ହାତୀନଦୀରେ ଫପାଡ଼ି ଦେଇଥିଲେ। ନଦୀରେ ଭାସି ମୃତଦେହ କାଦୋପଦର ନଦୀ ଘାଟ ନିକଟରେ ଲାଗିଥିଲା। ଏହା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ସୂଚନା ଦେଇଥିଲେ। ଏ ନେଇ ଜୟପାଟଣା ଥାନାରେ ଏକ ମାମଲା (ନଂ.୪୩/୨୩) ରୁଜୁ ହୋଇଛି।

# କଳାହାଣ୍ଡିର ପୂର୍ବତନ ସିଡିଭିଓ ନିଲମ୍ବିତ

**ଭବାନୀପାଟଣା,୨୫।୨(ସ୍ୱ.ପ୍ର.)**

**ଦାୟିତ୍ୱ ହସ୍ତାନ୍ତର ନ କରିବା ମହଙ୍ଗା ପଡ଼ିଲା**

କଳାହାଣ୍ଡି ଜିଲା ପ୍ରାଣୀ ଚିକିତ୍ସା ବିଭାଗ ପୂର୍ବତନ ସିଡିଭିଓ (ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ) ଚୈତନ୍ୟ ଚରଣ ସେଠୀଙ୍କୁ ରାଜ୍ୟ ସରକାର ନିଲମ୍ବନ କରିଛନ୍ତି। ଦାୟିତ୍ୱ ହସ୍ତାନ୍ତର ନ କରିବାରୁ ତାଙ୍କ ଉପରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଜଣାପଡ଼ିଛି। ପ୍ରକାଶ ଯେ, କଳାହାଣ୍ଡି ସିଡିଭିଓ ଭାବେ ଚୈତନ୍ୟ କାର୍ଯ୍ୟରତ ଥିଲେ। ତାଙ୍କୁ ଓଡ଼ିଶା ବାୟୋଲୋଜିକାଲ ପ୍ରଡକ୍ଟ ଇନ୍‌ଷ୍ଟିଚ୍ୟୁଟ୍‌କୁ ଯୁଗ୍ମ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଥିଲା। ତାଙ୍କ ସ୍ଥାନରେ କଳାହାଣ୍ଡି ସିଡିଭିଓ ଭାବେ ହେମନ୍ତ ପ୍ରଧାନଙ୍କୁ ଅବସ୍ଥାପିତ କରାଯାଇଥିଲା। ଗତ ଜାନୁୟାରୀ ୨୫ ତାରିଖରେ ହେମନ୍ତ କଳାହାଣ୍ଡି ସିଡିଭିଓ ଭାବେ ଯୋଗଦାନ କରିଥିଲେ। ହେଲେ ଆଜି ପର୍ଯ୍ୟନ୍ତ ହେମନ୍ତଙ୍କୁ ଚୈତନ୍ୟ ଦାୟିତ୍ୱ



ପୂର୍ବତନ ସିଡିଭିଓ ଚୈତନ୍ୟ ଚରଣ ସେଠୀ।

ପ୍ରଦାନ କରି ନ ଥିଲେ। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇବା ପରେ ପ୍ରାଣୀ ଚିକିତ୍ସା ବିଭାଗ ସ୍ୱତନ୍ତ୍ର ସଚିବ ତାଙ୍କୁ ନିଲମ୍ବନ କରିଛନ୍ତି।

# ବିଭିନ୍ନ ପ୍ରସଙ୍ଗ ନେଇ ଜିଲାପାଳ, ଡିଏଫଓଙ୍କୁ ଦାବିପତ୍ର



ଡିଏଫଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**କୋକସରା,୨୫।୨(ଡି.ଏନ.ଏ.)**

**ଗୁଡହାଣ୍ଡି ଡୋକରୀଚଞ୍ଚରା ଉନ୍ନୟନ ସମିତି**

କଳାହାଣ୍ଡି ଜିଲା କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ପର୍ଯ୍ୟଟନସ୍ଥଳୀ ଗୁଡହାଣ୍ଡି ଡୋକରିଚଞ୍ଚରାରେ ଜଙ୍ଗଲ ବିଭାଗ ପକ୍ଷରୁ ସୌନ୍ଦର୍ଯ୍ୟକରଣ ଓ ଉନ୍ନୟନ କାର୍ଯ୍ୟ ଜାରି ରହିଛି। ଫେବୃୟାରୀ ୨୦ ତାରିଖରେ ଉନ୍ନୟନ କମିଟି ଓ ଜଙ୍ଗଲ ବିଭାଗ ପକ୍ଷରୁ ଡୋକରୀଚଞ୍ଚରାରେ ଅନୁଷ୍ଠିତ ବୈଠକରେ ଆଲୋଚନା କରାଯାଇଥିବା ବେଳେ ଶନିବାର ଉନ୍ନୟନ କମିଟି ସଭାପତି ଭଦ୍ରେଶ୍ୱର ପାତ୍ରଙ୍କ ନେତୃତ୍ୱରେ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଉନ୍ନୟନ ସମିତି ଉପସଭାପତି ଘନଶ୍ୟାମ ନାଏକ, ଅଇରୀ ନାଶନ ଚିନ୍ଦା, ସମ୍ପାଦକ ନୀଲାମ୍ବର ନାଏକ, ସହ ସମ୍ପାଦକ ଆଦିତ୍ୟ ପଣ୍ଡା, କୋଷାଧ୍ୟକ୍ଷ ସୁରେଶ ଅଗ୍ରୱାଲ, କୋକସରା ବ୍ଲକ ଏମ୍‌ପି ପ୍ରତିନିଧି ସୁଧିର ପାତ୍ର ପ୍ରମୁଖ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଓ ଦକ୍ଷିଣ ବନଖଣ୍ଡ ଜିଲା ଅଧିକାରୀ ଲାଡେ ଦୟାନନ୍ଦ ଗଜାନନଙ୍କୁ କାର୍ଯ୍ୟାଳୟରେ ସାକ୍ଷାତ କରିଛନ୍ତି। ବିଗତ ବୈଠକରେ ଉନ୍ନୟନ କାର୍ଯ୍ୟ ଓ ଜଙ୍ଗଲ ବିଭାଗ ମିଳିତ ସହମତିରେ ପାରିତ ହୋଇଥିବା ଆଲୋଚନା ଉପରେ ଲିଖିତ ଭାବେ ଜଣାଇବା ସହ କମିଟି ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ଉପରେ ପ୍ରଶାସନିକ ସହଯୋଗ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ୧୯୭୨ରୁ ଉନ୍ନୟନ ସମିତି ଏହି ପର୍ଯ୍ୟଟନସ୍ଥଳୀର ରକ୍ଷଣାବେକ୍ଷଣ ଦାୟିତ୍ୱ ତୁଲାଇ ଆସୁଛନ୍ତି। ଜଙ୍ଗଲ ବିଭାଗ ଭିଏସଏସ କମିଟିରେ ଉନ୍ନୟନ କମିଟିକୁ ସାମିଲ କରିବା, ଆଗକୁ ଇକୋଟୁରିଜମ ହେଲେ ଏହି ସ୍ଥାନର ନାମ ଶ୍ରୀ ମଧୁମାଧବ ତୀର୍ଥ ଇକୋ ଟୁରିଜମ ଗୁଡହାଣ୍ଡି ଡୋକରୀଚଞ୍ଚରା କରିବା, ପାନୀୟ ଜଳ ପାଇଁ ଗଭୀର ନଳକୂପ, ରାସ୍ତା ପ୍ରଶସ୍ତିକରଣ, ଡୁମେର ଜୋର ନିକଟରେ ପାର୍କ ନିର୍ମାଣ, ପ୍ରବେଶ ଦ୍ୱାରରେ ପର୍ଯ୍ୟଟକ ପାଇଁ ପ୍ରବେଶିକା ଦେୟ ପାଇଁ ଗେଟ, ବେହେରା ଡ୍ୟାମରେ ବୋଟିଂ ବ୍ୟବସ୍ଥା ଓ ଆଗକୁ ଇକୋ ଟୁରିଜମରୁ ଆଦାୟ ରାଶିର ୪୦ ପ୍ରତିଶତ ଅର୍ଥ ଉନ୍ନୟନ କମିଟିକୁ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା ପାଇଁ ପ୍ରଦାନ ସହ ମଧୁ ମାଧବ ତୀର୍ଥର ଧାର୍ମିକ ସ୍ଥାନରେ କମିଟିକୁ ସ୍ୱାଧୀନ ଭାବେ ନିର୍ବାହ କରିବା ଓ ଉନ୍ନୟନ କମିଟି ସହ ସମନ୍ୱୟ ରକ୍ଷା କରି ସମସ୍ତ କାର୍ଯ୍ୟରେ ସହଯୋଗ କରିବାକୁ କମିଟି ପକ୍ଷରୁ ଜିଲାପାଳ ଓ ଡିଏଫଓଙ୍କୁ ଲିଖିତ ଭାବେ ଦିଆଯାଇଛି।

# ଜିଲାସ୍ତରୀୟ ଆକାଂକ୍ଷା-୨୦୨୩ କାର୍ଯ୍ୟକ୍ରମ



ଆକାଂକ୍ଷା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଏବଂ ଛାତ୍ରୀଛାତ୍ରମାନେ।

**ଭବାନୀପାଟଣା,୨୫।୨(ସ୍ୱ.ପ୍ର.)**

**ଜିଲାର ୧୩ ବ୍ଲକର ୫୧ ଛାତ୍ରୀଛାତ୍ରଙ୍କ ଯୋଗଦାନ**

ମାଟ୍ରିକ୍ ପରୀକ୍ଷାରେ ଅଧିକ ସଂଖ୍ୟକ ଏ ୧ ଗ୍ରେଡ ପାଇବା ପାଇଁ ପରିକଳ୍ପିତ କଳାହାଣ୍ଡି ଜିଲାସ୍ତରୀୟ କାର୍ଯ୍ୟକ୍ରମ ଆକାଂକ୍ଷା-୨୦୨୩ କାର୍ଯ୍ୟକ୍ରମ ଭବାନୀପାଟଣା ବ୍ରଜମୋହନ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା କାର୍ଯ୍ୟାଳୟ ଓ କୈବଲ୍ୟ ଏଜୁକେସନଙ୍କ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ଚୋପଦାରଙ୍କ ମାର୍ଗଦର୍ଶନରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେଙ୍କ ପୌରହିତ୍ୟ କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ୧୩ଟି ବ୍ଲକର ୫୧ଜଣ ମେଧାବୀ ଛାତ୍ରୀଛାତ୍ର ଯୋଗଦେଇଥିଲେ। ସୂଚନାଥାଉ କି ପ୍ରତ୍ୟେକ ବ୍ଲକରୁ ଉକ୍ତ ଛାତ୍ରୀଛାତ୍ରମାନେ ଲିଖିତ ପରୀକ୍ଷା ଦେଇ ପୂର୍ବରୁ ଚୟନ ହୋଇଥିଲେ। ସେମାନଙ୍କୁ ଆଭାସୀ ଶିକ୍ଷା ଗ୍ରହଣ ମାଧମରେ ଗତ ୨ ମାସ ଧରି ଜିଲାସ୍ତରୀୟ ବିଷୟଗତ ସାଧନ କର୍ମୀଙ୍କ ଦ୍ୱାରା ଶିକ୍ଷା ପ୍ରଦାନ କରାଯାଉଛି। ସମ୍ମାନିତ ଅତିଥି ଭାବେ କୈବଲ୍ୟ ଫାଉଣ୍ଡେଶନ ଜିଲା ପରିଚାଳକ ଶାଶ୍ୱତ ପଣ୍ଡା ଯୋଗଦେଇଥିଲେ। ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ସ୍ୱାଗତ ଭାଷଣ ଦେଇଥିବା ବେଳେ ବୋର୍ଡା ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରକାଶ ନିଶଙ୍କ ଆଭିମୁଖ୍ୟ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଛାତ୍ରୀଛାତ୍ରଙ୍କ ଚାପ ମୁକ୍ତ ଜୀବନ ଯାପନ ଓ ସମୟ ପରିଚାଳନା ଉପରେ ମତବ୍ୟକ୍ତ କରିଥିବା ବେଳେ ବ୍ରଜମୋହନ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଷଷ୍ଠୀ ଝାଙ୍କର ଧନ୍ୟବାଦ ଦେଇଥିଲେ। ପ୍ରତ୍ୟେକ ବିଷୟର ସାଧନ କର୍ମୀମାନେ ସେମାନଙ୍କ ବିଷୟରେ ଉତ୍ତମ ପ୍ରଦର୍ଶନ କରିବା ପାଇଁ ମାର୍ଗଦର୍ଶନ ସହ ଛାତ୍ରୀଛାତ୍ରମାନଙ୍କ ସନ୍ଦେହ ମୋଚନ କରିଥିଲେ। ଆଭାସୀ ଶିକ୍ଷାଦାନ କାର୍ଯ୍ୟକ୍ରମ ମ୍ୟାଟ୍ରିକ ପରୀକ୍ଷା ଶେଷ ପର୍ଯ୍ୟନ୍ତ ଚାଲିବ। କର୍ମଶାଳାରେ ସର୍ବମୋଟ ୩୭ ସାଧନ କର୍ମୀ, ଛାତ୍ରୀଛାତ୍ରଙ୍କ ଅଭିଭାବକ, ମାର୍ଗଦର୍ଶକ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ କୈବଲ୍ୟ ଏଡୁକେଶନ ଫାଉନଡେଶନ ସମସ୍ତ କର୍ମଚାରୀ, ବ୍ରଜମୋହନ ଉଚ୍ଚ ବିଦ୍ୟାଳୟ ସମସ୍ତ ଶିକ୍ଷକ, କର୍ମଚାରୀ ସହାୟତା ପ୍ରଦାନ କରିଥିଲେ। ଜିଲା ଶିକ୍ଷା ବିଭାଗ ଏଭଳି ପ୍ରୟାସକୁ ଅଭିଭାବକଙ୍କ ମହଲରୁ ପ୍ରଶଂସା କରାଯାଇଛି।

# ଜଳ ସଂରକ୍ଷଣ କର୍ମଶାଳା

**ସିନାପାଲି,୨୫।୨(ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ନୂଆପଡା ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଚଳେଚଲୋ ଆନୁକୂଲ୍ୟରେ ଜଳ ସଂରକ୍ଷଣ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉପାନ୍ତ ଭରୁଆମୁଣ୍ଡା ଓ ନୂଆପଡା ପଞ୍ଚାୟତ ଅନ୍ତର୍ଗତ ସମସ୍ତ ଗ୍ରାମର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ଉପସ୍ଥିତଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭରୁଆମୁଣ୍ଡା ସରପଞ୍ଚ ବିରଞ୍ଚି ଜଗତ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ନୂଆପଡା ସରପଞ୍ଚ ପୂର୍ଣ୍ଣମୀ ମାଝି, ନାଏବ ସରପଞ୍ଚ ଡ଼ିଙ୍ଗର ସିଂ ମାଝି, ସନ୍ତୋଷ ବାଗ, ହେରାମ୍ବ ବାଗ ପ୍ରମୁଖ ମଞ୍ଚାସୀନ ଥିଲେ। କିଭଳି ଭାବେ ଜଳର ସଂରକ୍ଷଣ କରି ସଦବ୍ୟବହାର କରାଯାଇ ପାରିବ ସେ ନେଇ ଅତିଥି ତଥା ବିଭାଗୀୟ ଅଧିକାରୀ ମତପ୍ରକାଶ କରିଥିଲେ। ଜଳ ହିଁ ଜୀବନ, ଜଳ ସଂଗରକ୍ଷଣ ଆମର କର୍ତ୍ତବ୍ୟ ବୋଲି ଜଳର ଦୁରପଯୋଗ ନ କରିବାକୁ ମହିଳାଙ୍କୁ ପରାମର୍ଶ ଦିଆଯାଇଥିଲା। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଚଳେଚଲୋ ଖଡ଼ିଆଳ ସଂଯୋଜକ ରାଜକୁମାର ମେହେରଙ୍କ ନେତୃତ୍ୱରେ ହୋଇଥିବା ବେଳେ ବିଭାଗୀୟ କର୍ମକର୍ତ୍ତା ବରୁଣ ସୁନାନୀ, ଜ୍ୟୋତିପ୍ରିୟା ଜଗତ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ହୋଇଥିଲେ।

# ସାଗୁନଡୁଙ୍ଗରି ଗାଁ ମଝିରେ ବହୁଛି ନର୍ଦ୍ଦମା ପାଣି

**ଖଡ଼ିଆଳ,୨୫।୨(ଡି.ଏନ.ଏ.)**

**ଡ୍ରେନ ନିର୍ମାଣ ପାଇଁ ଗ୍ରାମବାସୀଙ୍କ ଦାବି**

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଗଡ୍ରାମୁଣ୍ଡା ପଞ୍ଚାୟତ ସାଗୁନଡୁଙ୍ଗରି ଗାଁ ରାସ୍ତାର ଦୁଇ ପାର୍ଶ୍ୱରେ ଡ୍ରେନ ନିର୍ମାଣ ହୋଇନାହିଁ। ଫଳରେ ବର୍ଷତମାମ ମୁଖ୍ୟ ରାସ୍ତାରେ ଦୁର୍ଗନ୍ଧ ମଇଳା ପାଣି ବହୁଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସୂଚନାମତେ, ସାଗୁନଡୁଙ୍ଗରି ଗାଁରେ ୫ଶହରୁ ଉର୍ଦ୍ଧ୍ୱ କେବଳ ପଛୁଆବର୍ଗ ଲୋକ ବାସ କରୁଛନ୍ତି। ଗ୍ରାମବାସୀ ସରକାରଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଭଳି ମୌଳିକ ସୁବିଧା ପାଇବାରୁ ବଞ୍ଚିତ। ଦୀର୍ଘବର୍ଷ ହେଲା ଗାଁର ମୁଖ୍ୟ ଡ୍ରେନ ସମସ୍ୟା ରହିଛି। ରାସ୍ତାର ଦୁଇ ପାର୍ଶ୍ୱରେ ଡ୍ରେନ ନିର୍ମାଣ ହୋଇ ନ ଥିବାରୁ ପ୍ରତ୍ୟେକ ଘର ମଇଳା ଓ ପାଣି ଗାଁ ମଝିରେ ବୋହୁଛି। ମଇଳା ପାଣି ଦେଇ ଗ୍ରାମବାସୀ ଯିବାଆସିବା ଦ୍ୱାରା ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡ୍ରେନ ନିର୍ମାଣ କରିବାକୁ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଡିଓଙ୍କୁ ବାରମ୍ବାର ଅଭିଯୋଗ କରିଆସୁଛନ୍ତି। ଡ୍ରେନ ସମସ୍ୟା ସ୍ଥାୟୀ ସମାଧାନ ଏଯାଏ ହୋଇପାରି ନାହିଁ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଉଛି। ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଉକ୍ତ ଗାଁର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଡ୍ରେନ ନିର୍ମାଣ କରିବାକୁ ଗ୍ରାମର ଗିରିଧାରୀ ବନ୍ଧଛୋର, ତ୍ରିନାଥ ପୁଞ୍ଜି, ସତ୍ୟନାରାୟଣ ବନ୍ଧିଛୋର, ସତ୍ୟବାଦୀ ବନ୍ଧିଛୋର, ଲାବଣ୍ୟ ବନ୍ଧିଛୋର, ଲକ୍ଷ୍ମଣ ବାନ୍ଧିଛୋର, ଜଗତରାମ ବନ୍ଧିଛୋର, ସାଗର ବାଗ, ଗଜିନ୍ଦ୍ର ଜାଲ, ଜୟସିଂ ବନ୍ଧିଛୋର, ଚୁନାଲାଲ ନାଗ, ପୁରୁଷୋତ୍ତମ ନାଗ, ପ୍ରଫୁଲ୍ଲ ସଗରିଆ, ଲୋଚନ ନାଗ, ଦେବେନ୍ଦ୍ର ବନ୍ଧିଛୋର ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି।



ରାସ୍ତାରେ ଡ୍ରେନ ପାଣି ବହୁଛି।

# ମୌଳିକ ସୁବିଧାରୁ ବଞ୍ଚିତ ଭୁତକାପଡ଼ା ଗାଁ

**ନୂଆପଡ଼ା ଅଫିସ,୨୫।୨**

ଛତିଶଗଡ ସୀମାନ୍ତ ନୂଆପଡା ସଦର ବ୍ଲକ ଭାଲେଶ୍ୱର ପଞ୍ଚାୟତ ଭୁତକାପଡା ଗ୍ରାମବାସୀ ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ମୌଳିକ ସୁବିଧାରୁ ବଞ୍ଚିତ। ଭାଲେଶ୍ୱର ପଞ୍ଚାୟତଠାରୁ ୨ କି.ମି. ଦୂରରେ ଅବସ୍ଥିତ ଆଦିବାସୀ ବହୁଳ ଭୁତକାପଡା ଗାଁର ଆଦିବାସୀ ପିଲାମାନେ ଡ୍ରୋନ ଦେଖି ସାରିଲେଣି। ହେଲେ ଅକ୍ଷର କ'ଣ ସେମାନେ ଜାଣିନାହାନ୍ତି। ଏହି ଗ୍ରାମରେ ୪୦ ପରିବାର ରହିଥିବା ବେଳେ ୩୦୦ରୁ ଉର୍ଦ୍ଧ୍ୱ ଜନସଂଖ୍ୟା । ଗାଁକୁ ପକ୍କା ରାସ୍ତା ତ ଦୂର କଥା ଚଲାପଥଟିଏ ନାହିଁ। ଗ୍ରୀଷ୍ମଋତୁରେ ଚଳିଯାଏ। ବର୍ଷାଋତୁ ଆସିଲେ ଗ୍ରାମକୁ ଆଉ ରାସ୍ତା ମିଳେନାହିଁ। ଯେଉଁ ରାସ୍ତାରେ ଯିବା ଆସିବା କରିଥାନ୍ତି, ସେହି ରାସ୍ତା ଜଣେ ଚାଷୀଙ୍କର। ଚାଷ ଦିନ ଆସିଲେ ଚାଷ କରୁଥିବାରୁ ରାସ୍ତା ବନ୍ଦହୋଇ ଯାଇଥାଏ। ଗ୍ରାମବାସୀଙ୍କୁ ଜୋଙ୍କ ନଦୀ କୂଳରେ ଯିବାକୁ ପଡେ। ନଈବଢ଼ି ହେଲେ କିମ୍ବା ଅତ୍ୟଧିକ ବର୍ଷା ହେଲେ ଯାତାୟାତ ବନ୍ଦ ହୋଇଯାଏ। ନଈକୂଳରେ ମାଟି ରାସ୍ତା ହୋଇଥିବାରୁ ଅସରାଏ ବର୍ଷା ହେଲେ କାଦୁଅ ପଚପଚ ହେଉଥିବାରୁ ଚାଲିବା କଷ୍ଟକର ହୋଇପଡେ। ଅନ୍ୟପଟେ ଗଲେ ସଂରକ୍ଷିତ ଘଞ୍ଚ ଜଙ୍ଗଲ ରହିଛି। ଫଳରେ ଭୁତକାପଡାବାସୀ ପଞ୍ଚାୟତକୁ



ଉପସ୍ଥିତ ଭୁତକାପଡ଼ା ଗ୍ରାମବାସୀ।

- ପିଲା କମ୍ ଯୋଗୁ ସ୍କୁଲ ବନ୍ଦ, ଅନ୍ୟ ଗାଁକୁ ଯାଉନାହାନ୍ତି
- ରାସ୍ତା, ଅଙ୍ଗନୱାଡି କେନ୍ଦ୍ର ନାହିଁ

ରାଶନ ସାମଗ୍ରୀ, ବାର୍ଦ୍ଧକ୍ୟ ଭତ୍ତା କିମ୍ବା ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଯିବାକୁ ଅସୁଧାର ସମ୍ମୁଖିନ ହେବାକୁ ପଡୁଛି। ଆଦିବାସୀ ବହୁଳ ଗ୍ରାମରେ କାଁ ଭାଁ ହାତଗଣତି କେତେ ଘର ଛାଡି ଦେଲେ ଆବାସ ଘର ମଧ୍ୟ ମିଳିନାହିଁ। ଗାଁରେ ଏକ ପ୍ରାଥମିକ ବିଦ୍ୟାଳୟ ରହିଥିଲା। ପିଲା କମ ଦେଖାଇ ଲକଡାଉନ ପୂର୍ବରୁ ସ୍କୁଲକୁ ବନ୍ଦ କରିଦେବାରୁ ଗାଁ ପିଲା ଆଉ ଅନ୍ୟ ଗାଁକୁ ପଢି ଯାଇ ପାରୁନାହାନ୍ତି। ଗାଁରେ ୩୨ରୁ ୩୪ଜଣ ୦ରୁ ୫ ବର୍ଷର ଛୋଟ ଛୋଟ କୋମଳମତି ଶିଶୁ ଥିଲା ମଧ୍ୟ ଅଙ୍ଗନୱାଡି କେନ୍ଦ୍ରଟିଏ ନାହିଁ। କୋମଳମତି ଶିଶୁମାନେ ପୃଷ୍ଟିକର ଖାଦ୍ୟ ବା ପ୍ରାକ ଶିକ୍ଷା କିପରି ପାଉଥିବେ ତାହା ସହଜେ ଅନୁମେୟ। ଗ୍ରାମରେ ଅନେକ ବୃଦ୍ଧାବୃଦ୍ଧ, ଦିବ୍ୟାଙ୍ଗ, ବିଧବା ରହିଛନ୍ତି। ସେମାନେ ବର୍ତ୍ତମାନ ପର୍ଯ୍ୟନ୍ତ ଭତ୍ତା ପାଇନାହାନ୍ତି। ଗତ ମାସରେ ଗାଁର ହେତରାମ ସତନାମୀ ଜଣେ ଦିବ୍ୟାଙ୍ଗଙ୍କ ଭତ୍ତା କରାଇ ସରପଞ୍ଚ ଡ୍ରୋନ ସାହାଯ୍ୟରେ ପଠାଇଥିଲେ। ଅନ୍ୟମାନଙ୍କୁ ଡ୍ରୋନ ସାହାଯ୍ୟରେ ଗାଁକୁ ଭତ୍ତା ଟଙ୍କା ପଠାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ଗାଁକୁ ସବୁ ଦିନିକିଆ ପକ୍କା ରାସ୍ତା, ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର ଖୋଲିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ସଂକ୍ରନ୍ତରେ ଭାଲେଶ୍ୱର ସରପଞ୍ଚ ସରୋଜ ଦେବୀ ଅଗ୍ରୱାଲଙ୍କୁ ପଚାରିବାରୁ ପୂର୍ବରୁ କେତେ ସରପଞ୍ଚ ଯାଇ ସାରିଲେଣି। ହେଲେ କେହି ଗାଁର ବିକାଶ କଲେନାହିଁ। ଗାଁରେ ଯେତେ ସମସ୍ୟା ରହିଛି, ସବୁ ବିଷୟରେ ମୁଁ ପ୍ରଶାସନକୁ ଜଣାଇ ସାରିଛି। ରାସ୍ତା ପାଇଁ ଟଙ୍କା ମଧ୍ୟ ମଞ୍ଜୁର ହୋଇ ସାରିଲାଣି। ଗାଁରେ ଯେତେ ଭତ୍ତା ପାଇବା ଯୋଗ୍ୟ ଅଛନ୍ତି, ସମସ୍ତଙ୍କ ଭତ୍ତା ଡ୍ରୋନ ସାହାଯ୍ୟରେ ଟଙ୍କା ପଠାଯିବ ବୋଲି ପ୍ରକାଶ କରିଥିଲେ।

## ସଂକ୍ଷେପରେ

### ଏନଟିଏ ସ୍କୋର କାର୍ଡ ପରୀକ୍ଷାରେ ଶୁଭଶ୍ରୀ କୃତକାର୍ଯ୍ୟ

**ଭବାନୀପାଟଣା,୨୫।୨(ସ୍ୱ.ପ୍ର.):** କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଅନୁଷ୍ଠିତ ଏନଟିଏ (ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି) ସ୍କୋର୍ କାର୍ଡ ପରୀକ୍ଷାରେ କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚାରବାହାଲ ଗ୍ରାମର ଶୁଭଶ୍ରୀ ନନ୍ଦିତା କୃତକାର୍ଯ୍ୟ ହୋଇଛନ୍ତି। ଜାତୀୟସ୍ତରରେ ଅନୁଷ୍ଠିତ ହୋଇଥିବା ଏହି ପରୀକ୍ଷାରେ କୃତକାର୍ଯ୍ୟ ହେବା ପରେ ସେ ସୈନିକ ସ୍କୁଲରେ ପଢ଼ିବାର ସୁଯୋଗ ପାଇବେ। ଛାତ୍ରୀମାନଙ୍କୁ ସୈନିକ ସ୍କୁଲରେ ପଢ଼ିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଘୋଷଣା ପରେ ଜାତୀୟସ୍ତରରେ ଏହି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଚାରବାହାଲ ନରେଶ କୁମାର ଚଲାନ ଓ ନନ୍ଦିନୀ ଚଲାନଙ୍କ ସୁପୁତ୍ରି ହେଉଛନ୍ତି ଶୁଭଶ୍ରୀ। ଏହାସହ ଖବରଦାତା ରବି ନାରାୟଣ ଚଲାନଙ୍କ ଝିଆରୀ। ସେ ବର୍ତ୍ତମାନ ଭବାନୀପାଟଣା ଏକ ଘରୋଇ ଆବାସିକ ଇଂରାଜୀ ମାଧମ ବିଦ୍ୟାଳୟରେ ପଢୁଛନ୍ତି। ଶୁଭଶ୍ରୀ କୃତକାର୍ଯ୍ୟ ହେବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।



### କାର ଦୁର୍ଘଟଣାରେ ବ୍ଲକ ହିସାବ ପରିଚାଳକଙ୍କ ମୃତ୍ୟୁ

**ଭବାନୀପାଟଣା,୨୫।୨(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମହିଚଲା ହନୁମାନ ମନ୍ଦିର ନିକଟରେ ଶୁକ୍ରବାର ରାତିରେ ଏକ କାର ଦୁର୍ଘଟଣାରେ ଗୋଟିଏ ପରିବାର ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ଭବାନୀପାଟଣା ସହରର ସୁଶାନ୍ତ ପାଢ଼ି (୫୨)। ସୁଶାନ୍ତ ଗୋଲାମୁଣ୍ଡା ବ୍ଲକ ଚପ୍ରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ଲକ ହିସାବ ପରିଚାଳକ (ବାମ)ରେ କାର୍ଯ୍ୟରତ ଥିଲେ। ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ସୁଶାନ୍ତ ଓ ତାଙ୍କ ପରିବାର ଜୟପୁରରୁ ବିବାହ କାର୍ଯ୍ୟକ୍ରମରେ ଯୋଗଦେଇ କାର୍ (ନଂ. ସିଜି୦୭ଏକ୍ୟୁ-୮୯୯୯)ରେ ଘରକୁ ଫେରୁଥିଲେ। ମହିଚଲା ହନୁମାନ ମନ୍ଦିର ନିକଟ ୨୬ ନମ୍ବର ଜାତୀୟ ରାଜପଥରେ ଭାରସମ୍ୟ ହରାଇ ରାସ୍ତା କଡରେ ଥିବା ଏକ ଗଛରେ ପିଟି ହୋଇଥିଲେ। ଗୁରୁତର ଅବସ୍ଥାରେ ସମସ୍ତଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଜୁନାଗଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ସୁଶାନ୍ତଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ମୃତକଙ୍କ ସ୍ତ୍ରୀ ମଧୁସ୍ମିତା, ପୁଅ ଅଂଶୁମାନ, ଝିଅ ମାମାଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରୁ ସେମାନଙ୍କୁ ଭୁବନେଶ୍ୱରକୁ ପଠାଯାଇଥିବା ଜଣାପଡିଛି।



# ସୁବର୍ଣ୍ଣପୁର ପାଇଁ ସମ୍ଭାବନା ଆଣିବ ଖଇରମାଳ ବ୍ୟାରେଜ୍

**ସୋନପୁର,୨୫।୨(ନି.ପ୍ର.)**

- ମହାନଦୀରେ ୧୦୯ କୋଟି ବ୍ୟୟରେ ନିର୍ମାଣ ହେବ
- ସୁବର୍ଣ୍ଣପୁର, ବୌଦ୍ଧ ଜିଲାର ୩୦ହଜାର ୫୦୦ହେକ୍ଟର ଜମି ଜଳସେଚନ ଲକ୍ଷ୍ୟ

ମହାନଦୀର ଖଇରମାଳଠାରେ ବ୍ୟାରେଜ୍ ନିର୍ମାଣ ହେବ। ରାଜ୍ୟ ସରକାର ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଉପସ୍ଥାପନ କରିଥିବା ବଜେଟ୍‌ରେ ଏହା ଘୋଷଣା କରିଛନ୍ତି। ମହାନଦୀରେ ଜଳ ଉପଯୋଗ ଯୋଜନାକୁ ନେଇ ପୂର୍ବରୁ ମାଷ୍ଟର ପ୍ଲାନ ପ୍ରସ୍ତୁତ ହୋଇଥିଲା। ମହାନଦୀ-ତେଲନଦୀର ସଙ୍ଗମ ସ୍ଥଳ ରାମେଶ୍ୱରଠାରୁ ସାଢେ ୩ କିଲୋମିଟର ଦୂର ବୌଦ୍ଧ ଜିଲା କଣ୍ଟାମାଳ ନିର୍ବାଚନମଣ୍ଡଳୀର ଖଇରମାଳରେ ଏହି ବ୍ୟାରେଜ୍ ନିର୍ମାଣ କରାଯିବ। ଏଥିପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ୧୦୯କୋଟି ୯୮୫ଲକ୍ଷ ଟଙ୍କାର ଡିପିଆର ପ୍ରସ୍ତୁତ ହୋଇଛି। ଇପିସି(ଇଞ୍ଜିନିୟରିଂ ପ୍ରୋକ୍ୟୁରମେଣ୍ଟ ଆଣ୍ଡ କନଷ୍ଟ୍ରକସନ) କଣ୍ଟ୍ରାକ୍ଟ ବେସିସରେ ଖୁବଶୀଘ୍ର ଟେଣ୍ଡର ଆହ୍ୱାନ କରାଯିବ। ରାଜ୍ୟ ଜଳସମ୍ପଦ ବିଭାଗ ବ୍ୟାରେଜ୍ ନିର୍ମାଣ କରିବା ପାଇଁ ୫ ବର୍ଷ ପୂର୍ବରୁ ବିଧିବଦ୍ଧ ଭାବେ ନିଷ୍ପତ୍ତି ନେଇଥିଲେ। ୫.୫ ମିଟର ଉଚ୍ଚତା ବିଶିଷ୍ଟ ବ୍ୟାରେଜ୍ ନିର୍ମାଣ ପାଇଁ ପ୍ରାଥମିକ ସ୍ତରରେ ଜଳସେଚନ ବିଭାଗ ପକ୍ଷରୁ ସର୍ଭେ ହୋଇଥିଲା। ଟେକ୍‌ନିକାଲ ଆଡଭାଇଜର କମିଟି(ଟିଏସି)ରେ ଅନୁମୋଦନ ମଧ୍ୟ ହୋଇଥିଲା। ତେବେ କୌଣସି କାରଣରୁ ଏହା ବିଳମ୍ବ ହୋଇଥିଲା। ଚଳିତ ବଜେଟ୍‌ରେ ସରକାର ଏଥିପାଇଁ ବ୍ୟୟବରାଦ କରିଥିବାରୁ ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲାବାସୀଙ୍କୁ ଏହା ଖୁସି ଆଣି ଦେଇଛି। ବ୍ୟାରେଜ୍ ନିର୍ମାଣ ସମ୍ପୂର୍ଣ୍ଣ ହେଲେ ଜଳସେଚନ, ମତ୍ସ୍ୟ ଚାଷ ସହ ଜଳ ପର୍ଯ୍ୟଟନ ଓ ହୋଟେଲ ଶିଳ୍ପର ସମ୍ଭାବନା ସୃଷ୍ଟି ହେବ। ସୁବର୍ଣ୍ଣପୁର ସହର ସମେତ, ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକ ଏବଂ ବୌଦ୍ଧ ଜିଲାର ବୌଦ୍ଧ ଓ କଣ୍ଟାମାଳ ବ୍ଲକର ଅଧିବାସୀ ଉପକୃତ ହେବେ। ଉଭୟ ଜିଲାର ମୋଟ ୩୦ହଜାର ୫୦୦ହେକ୍ଟର ଜମି ଜଳସେଚିତ ହେବା ନେଇ ଲକ୍ଷ୍ୟ ରହିଛି। ଖରିଫରେ ୨୦ ହଜାର ହେକ୍ଟର ଓ ରବିରେ ୧୦ ହଜାର ୫୦୦ ହେକ୍ଟର ଜମି ଜଳସେଚିତ ହୋଇପାରିବ। ପାନୀୟ ଜଳର ଚାହିଦା ପୂରଣ ସହିତ ମହାନଦୀ ଓ ତେଲନଦୀ ବେସିନ୍‌ରେ ନିର୍ମାଣ ହୋଇଥିବା ମେଗା ଉଠାଜଳସେଚନ ପ୍ରକଳ୍ପଗୁଡିକ ରବି ଋତୁରେ ଜମିକୁ ଜଳସେଚିତ କରିପାରିବ। ଜଳଚାହିଦା ପୂରଣ, ସମୁଦ୍ରକୁ ବହି ଯାଉଥିବା ଜଳର ସଂରକ୍ଷଣ ପାଇଁ ଏହି ବ୍ୟାରେଜ୍ ବିଶେଷ ସହାୟକ ହେବ ବୋଲି ଆଶା ରହିଛି।

**ରିପୋର୍ଟ:ମୃତ୍ୟୁଞ୍ଜୟ ଶତପଥୀ।**



"ଖଇରମାଳରେ ବ୍ୟାରେଜ୍ ନିର୍ମାଣ ମୋର ସ୍ୱପ୍ନ ଥିଲା। ଏହି ସ୍ୱପ୍ନ ଏବେ ସାକାର ହେବାକୁ ଯାଉଛି। ଏପ୍ରିଲ ମାସ ପରେ ପ୍ରକଳ୍ପର ଶୁଭ ଦିଆଯିବାର ଯୋଜନା ରହିଛି। ଏହା ଆମ ଜିଲା ପାଇଁ ବିପୁଳ ସମ୍ଭାବନା ସୃଷ୍ଟି କରିବ। ସୁବର୍ଣ୍ଣପୁର ସହରକୁ ତିନିପଟୁ ଘେରି ରହିଥିବା ମହାନଦୀ ଓ ତେଲନଦୀରେ ବର୍ଷ ସାରା ଜଳ ଭରି ରହିବ। ସହରର ତାପମାତ୍ରା ଯଥେଷ୍ଟ ହ୍ରାସ ପାଇବ। ପର୍ଯ୍ୟଟକମାନେ ଏଠାକୁ ଆସିବା ପାଇଁ ଆକୃଷ୍ଟ ହେବେ।

**ନିରଞ୍ଜନ ପୂଜାରୀ, ସୋନପୁର ବିଧାୟକ ତଥା ରାଜ୍ୟ ଅର୍ଥ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ।**



"ରାଜ୍ୟ ସରକାର ମହାନଦୀ ଓ ଉପନଦୀରେ ଜଳ ସଂରକ୍ଷଣ ଏବଂ ତାର ଉପଯୋଗ ପାଇଁ ବଡ ଯୋଜନା କରିଛନ୍ତି। ଖଇରମାଳ ବ୍ୟାରେଜ୍ ଖୁବ୍‌ଶୀଘ୍ର ନିର୍ମାଣ ହେବ। ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକର ଚାଷୀ ଉପକୃତ ହେବେ। ମହାନଦୀ କୂଳରେ ଥିବା ମେଗା ଉଠା ଜଳସେଚନ ପ୍ରକଳ୍ପଗୁଡିକ କାର୍ଯ୍ୟକ୍ଷମ ହୋଇପାରିବ। ପରେ ମହାନଦୀର ଗୋଧେନଶ୍ୱର ଓ କପାସିରାରେ ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍‌ଚର ନିର୍ମାଣ କରାଯିବାର ଯୋଜନା ରହିଛି।

**ପଦ୍ମନାଭ ବେହେରା, ବିଧାୟକ ବୀରମହାରାଜପୁର।**



"ବ୍ୟାରେଜ୍ ନିର୍ମାଣ ହେଲେ ସୁବର୍ଣ୍ଣପୁର ସହରର ଶୋଭା ବୃଦ୍ଧିପାଇବ। ସୁନ୍ଦର ପରିବେଶ ପାଇଁ ପର୍ଯ୍ୟଟକମାନେ ଏଠାକୁ ଆସିବେ। ହୋଟେଲ ଶିଳ୍ପ ପ୍ରତିଷ୍ଠା ପାଇଁ ଶିଳ୍ପପତିମାନେ ଆଗ୍ରହ ପ୍ରକାଶ କରିବେ। ଅର୍ଥନୈତିକ ଦୃଷ୍ଟିକୋଣରୁ ସହରବାସୀ ବେଶ ଲାଭବାନ ହେବେ। ଜିଲାବାସୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏହି ପ୍ରକଳ୍ପର ଆବଶ୍ୟକତା ଥିଲା।

**ତାମସି ତାମସ୍ମିତା ନାଏକ, ପୌରାଧ୍ୟକ୍ଷା ସୁବର୍ଣ୍ଣପୁର।**



"ମହାନଦୀ ଓ ତେଲନଦୀର ପାଣି ବର୍ଷା ଦିନେ ସମୁଦ୍ରକୁ ବହି ଯାଉଥିଲା। ଜଳର ସଠିକ୍ ଉପଯୋଗ ହୋଇ ପାରୁ ନ ଥିଲା। ଖରା ଦିନେ ନଦୀ ଶୁଖିଲା ପଡିବା କାରଣରୁ ସହରର ତାପମାତ୍ରା ବୃଦ୍ଧି ପାଉଥିଲା। ନଦୀରୁ ମାଛ କମୁଥିଲା। ମତ୍ସ୍ୟଜୀବୀମାନେ ଅସୁବିଧା ଭୋଗୁଥିଲେ। ଜଳ ସଂରକ୍ଷଣ ରହିଲେ ସୁବିଧା ହେବ। ପର୍ଯ୍ୟଟକଙ୍କ ପାଇଁ ବୋଟିଂର ସୁବିଧା ହୋଇପାରିବ। ତେବେ ବ୍ୟାରେଜ୍‌ର ଉଚ୍ଚତା କମ୍ ରହିବା ଆବଶ୍ୟକ। ଯେପରି ଲୋକଙ୍କର କୌଣସି କ୍ଷତି ନ ହୁଏ।

**ଗଙ୍ଗାଧର ତରିଆ, କାଉନସିଲର ତଥା ମତ୍ସ୍ୟଜୀବୀ।**

### ତରଭା ସହର ଗଳି କନ୍ଦିରେ ନର୍ଦ୍ଦମା ପାଣି

**ତରଭା,୨୫।୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ସହର ୧୯୬୭ ମସିହାରୁ ବିଜ୍ଞାପିତ ଅଞ୍ଚଳ ପରିଷଦର ମାନ୍ୟତା ପାଇଥିଲେ ସୁଦ୍ଧା ଅଦ୍ୟାବଧି ସହରର ରାସ୍ତାଘାଟର ସ୍ଥିତି ସୁଧୁରି ପାରିନାହିଁ। ତରଭା ସହର ଏନ.ଏ.ସି ହେବା ଦିନଠାରୁ ଅନେକ ଚେୟାରମ୍ୟାନ ଦାୟିତ୍ୱରେ ରହି ଯାଇ ସାରିଲେଣି। ସମସ୍ତେ କିଛି ନା କିଛି ଉନ୍ନୟନମୂଳକ କାମ କରିଥିଲେ ମଧ୍ୟ ଡ୍ରେନେଜର ସୁବ୍ୟବସ୍ଥା ଉପରେ କେହି ସେତେଟା ଗୁରୁତ୍ୱ ଦେଇନାହାଁନ୍ତି। ସହରର ଡ୍ରେନେଜ ବ୍ୟବସ୍ଥା ଯେପରି ହେବା କଥା ହୋଇନାହିଁ ଫଳରେ ବିଭିନ୍ନ ସମସ୍ୟା ହେଉଛି। ସହରର ଗଳିକନ୍ଦିରେ ନର୍ଦ୍ଦମା ପାଣି ପ୍ରବାହିତ ହେଉଛି। ନୂଆଁପଡା ରାସ୍ତାରେ ଭୂତଳ ନାଳ ନିର୍ମାଣ ହୋଇଛି। ହେଲେ ଉକ୍ତ ଡ୍ରେନେଜ ପାଣି ନିବୁତି ନଦୀରେ ଯାଇ ପଡୁଛି। ଉକ୍ତ ପାଣି ନଦୀରେ ପକାଇବା ଦ୍ୱାରା ନଦୀ ପାଣି ଦୂଷିତ ହେଉଛି। ମୁଖ୍ୟ ରାସ୍ତାର ଗୋଟିଏ ପାର୍ଶ୍ୱରେ ଏକ ଛୋଟିଆ ନାଳି କରି ତାକୁ ଡ୍ରେନେଜ ରୂପେ ବ୍ୟବହାର କରାଯାଉଛି। ଯାହାକି ନ ଥିବା ସଙ୍ଗେ ସମାନ। ସୂଚନାଯୋଗ୍ୟ, ମୁଖ୍ୟ ରାସ୍ତାରେ ରଥଯାତ୍ରା ହେଉଥିବାରୁ ଡ୍ରେନେଜ ବ୍ୟବସ୍ଥା ହୋଇ ପାରିନାହିଁ। ସାମାନ୍ୟ ବର୍ଷା ହେଲେ ଏହି ଛୋଟିଆ ନାଳିରେ ଜଳ ନିଷ୍କାସନ ହୋଇପାରୁ ନାହିଁ। ଗଳିକନ୍ଦି ରାସ୍ତାଗୁଡିକରେ ଡ୍ରେନେଜ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଅନେକ ସ୍ଥାନରେ ଡ୍ରେନଗୁଡିକ ଅଳିଆ ଆବର୍ଜନାରେ ପୂର୍ଣ୍ଣ ହୋଇ ପଡିରହିଛି। ଫଳରେ ସହରରେ ମଶା ବଂଶ ବୃଦ୍ଧି ପାଇବାରେ ଲାଗିଛି।

## ବଡଫଂଟାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥି ବୃନ୍ଦ।

**ଡୁଙ୍ଗୁରିପାଲି, ୨୫।୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ବଡ଼ଫଂଟାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିବପ୍ରସାଦ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଗଣେଶ କିଷାନ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ଗୁଞ୍ଜିଲୁ ମିର୍ଦ୍ଧା, ସରପଞ୍ଚ ପ୍ରତିନିଧି ମନୋଜ ଦିଶ୍ରି, ବଦ୍ରିନାରାୟଣ ପାଣ୍ଡିଆ, ବିଦ୍ୟାଳୟର ମୋସ୍କୁଲ ଅଭିଯାନର ସଭାପତି ସୁରେନ୍ଦ୍ର ଖମାରୀ,ସିଆରସିସି ପଲସ୍ତି ବାରିକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତପନ ସେଠ ମଞ୍ଚାସୀନ ଥିଲେ। ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷକ ଶଙ୍କର ଗଡତିଆ ଓ ଲିଜା ମେହେର ସଭା ପରିଚାଳନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ମୃତ୍ୟୁଞ୍ଜୟ ଉଦ୍ଦୁରକୁଲିଆ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଉତ୍ସବରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ଦିବ୍ୟ ରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ଗଞ୍ଜେଇ ଚାଲାଣ ମାମଲାରେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ବୌଦ୍ଧ,୨୫।୨(ସ୍ୱ.ପ୍ର.)**

ବୌଦ୍ଧ ଜିଲା ଅତିରିକ୍ତ ଦୌରାଜଜ୍ ଅଞ୍ଜନା ସ୍ୱାଇଁ ଗଞ୍ଜେଇ ଚାଲାଣ ମାମଲାର ବିଚାର କରି ତାଙ୍କ ରାୟରେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିବାକୁ ଆଦେଶ ପ୍ରଦାନ କରିଛନ୍ତି। ସୂଚନା ମୁତାବକ ଗତ ୨୦୧୬ ଡିସେମ୍ବର ୧୫ ତାରିଖ କନ୍ଧମାଳ ଜିଲାର ଗଣେଶ ସାହୁ ଏକ ଇଣ୍ଡିଗୋ ଗାଡି ଓଆର ୦୭ପି ୮୦୦୫ ଯୋଗେ ଫୁଲବାଣୀରୁ ଗଞ୍ଜେଇ ନେଇ ବରଗଡ଼ ଜିଲାକୁ ବିକ୍ରୟ କରିବାକୁ ଯାଉଥିଲେ। ବିଶ୍ୱସ୍ତ ସୂତ୍ରରୁ ସୂଚନାପାଇ ବୌଦ୍ଧ ପୋଲିସ ମହାନଦୀ ବ୍ରିଜଛକ ନିକଟରେ ଗାଡିକୁ ଅଟକାଇଥିଲା। ପୋଲିସକୁ ଦେଖି ଗାଡିର ଡ୍ରାଇଭର ଓହ୍ଲାଇ ଦୌଡି ପଳାଇଥିବାବେଳେ ଗାଡି ଭିତରୁ ୪୦କିଲୋ ଗଞ୍ଜେଇ ଜବତ କରିବା ସହିତ ମାମଲାରେ ଗଣେଷ ସାହୁଙ୍କୁ ଗିରଫ କରି ଥାନାକୁ ଆଣି ପଚରାଉଚୁରା କରିଥିଲା। ବରଗଡ଼ ଜିଲାର ମନୋଜ ବଢେଇଙ୍କୁ ବିକ୍ରୟ କରିବା ପାଇଁ ଉକ୍ତ ଗଞ୍ଜେଇ ନେଉଥିବା ଗଣେଷ ବୟାନ ଦେବା ପରେ ପୋଲିସ ମନୋଜ ବଢେଇଙ୍କ ନାମରେ ମଧ୍ୟ ମାମଲା ରୁଜୁ କରି ଗିରଫ କରିବା ସହିତ ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ ମନୋଜ ଜାମିନରେ ଥିବାବେଳେ ଅଭିଯୁକ୍ତ ଗଣେଷଙ୍କ ନାମରେ ମାମଲା ଅତିରିକ୍ତ ଜିଲା ଦୌରାଜଜଙ୍କ ଅଦାଲତରେ ସ୍ପେଶାଲ କେସ ନମ୍ବର ୪୫/୨୦୧୬ ହୋଇ ବିଚାରାଧିନ ରହିଥିଲା। ଶନିବାର ଏହି ମାମଲାରେ ବିଚାରକରି ୧୨ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଅଦାଲତ ଅଭିଯୁକ୍ତଙ୍କ ବିରୋଧରେ ପ୍ରମାଣ ଅଭାବରୁ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିବା ଜଣାଯାଇଛି। ଏହି ମାମଲାକୁ ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଓକିଲ ତାରେଣି କୁମାର ମହାପାତ୍ର ପରିଚାଳନା କରିଥିଲେ।

### ବାଇକ୍ ଦୁର୍ଘଟଣା: ଜଣେ ମୃତ, ଜଣେ ଆହତ

**କର୍ଲାମୁଣ୍ଡା,୨୫।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ଶିବ ମନ୍ଦିର ଛକ ଉତ୍ତେଇ ନଦୀ ବ୍ରିଜ ସନ୍ନିକଟରେ ଶୁକ୍ରବାର ଏକ ବାଇକ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତକ ହେଲେ ସୁବର୍ଣ୍ଣପୁର ଜିଲା ବାଲିଖମାର ଗ୍ରାମର ଘନଶ୍ୟାମ ରଣା (୬୦) ଏବଂ ଆହତ ବ୍ୟକ୍ତି ହେଲେ ବଲାଙ୍ଗୀର ଜିଲା ତରାସିଙ୍ଗା ଗ୍ରାମର ଧନଞ୍ଜୟ ରଣା (୫୫)। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଧନଞ୍ଜୟ ଓ ଘନଶ୍ୟାମ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପୌରକେଲା ଗ୍ରାମରୁ ଏକ ବିବାହ ଭୋଜି ଖାଇ ତରାସିଙ୍ଗାକୁ ବାଇକ୍‌ରେ ଫେରୁଥିଲେ। କେସିଙ୍ଗା ବ୍ଲକ ବେଲଖଣ୍ଡି ଶିବ ମନ୍ଦିର ଛକ ଉତେଇ ନଦୀ ବ୍ରିଜ ସନ୍ନିକଟଠାରେ ଏକ ସାଇନ ବୋର୍ଡ ଲାଗିଥିବା ଖମ୍ବରେ ପିଟି ହୋଇ ଛିଟିକି ପଡ଼ିଥିଲେ।

## ନୂଆଦିଲ୍ଲୀରେ ସାଧାରଣତନ୍ତ୍ର ଦିବସ ପରେଡ଼ରେ ଅଂଶଗ୍ରହଣ କରିଥିବା ଛାତ୍ରଙ୍କୁ ସମ୍ବର୍ଦ୍ଧନା



ବୀରମହାରାଜପୁର ଏନ୍‌ସିସି କ୍ୟାଡେଟ୍‌ମାନେ।

**ଅମରପାଲି,୨୫।୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ୩ ଜଣ ଛାତ୍ର ସାଧାରଣତନ୍ତ୍ରଦିବସ ଅବସରରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ପରେଡରେ ଅଂଶଗ୍ରହଣ କରି ମହାବିଦ୍ୟାଳୟର ଗୌରବ ବଢାଇଛନ୍ତି। ଶନିବାର ମହାବିଦ୍ୟାଳୟ ଏନ.ସି.ସି ତରଫରୁ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଦାମ ଚରଣ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ପରେଡରେ ଅଂଶଗ୍ରହଣ କରିଥିବା ସି.ପି.ଏଲ ସଚ୍ଚିଦା ନାଗ, ଏଲ.ସି.ପି.ଏଲ ବଳରାମ ବଘାର ଓ ଏଲ.ସି.ପି.ଏଲ ଅର୍ଜୁନ ଜାଲଙ୍କୁ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ଏନ.ସି.ସି କ୍ୟାପଟେନ ସୂର୍ଯ୍ୟ ନାରାୟଣ ପଣ୍ଡା, ଚିନ୍ମୟ ପଣ୍ଡା, ମହାବିଦ୍ୟାଳୟ ଶାରୀରିକ ପ୍ରଶିକ୍ଷକ ନରେନ୍ଦ୍ର ଚାନ୍ଦ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ଏନ୍‌ସିସି କ୍ୟାପଟେନ ଓ କ୍ୟାଡେଟ୍‌ମାନଙ୍କ ପରିଶ୍ରମ ଯୋଗୁ କଲେଜ ଗର୍ବିତ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମକୁ ମନୋଜ ସାହୁ ସଂଯୋଜନା କରିଥିଲେ। ସୁନେଲି କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅଣ୍ଡର ଅଫିସର ଆନନ୍ଦ ପଧାନଙ୍କ ସମେତ ସମସ୍ତ ଏନସିସି କ୍ୟାଡେଟ ଉପସ୍ଥିତ ଥିଲେ।

# ଜଙ୍ଗଲ ନାହିଁ ତ ଜୀବନ ନାହିଁ

**ଲାଠୋର,୨୫।୨(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ବନାଞ୍ଚଳ ଅଧୀନ ବେନ୍ଦେର ସେକ୍ସନ ବେନ୍ଦେର ଗ୍ରାମର ସାପ୍ତାହିକ ହାଟପଡ଼ିଆରେ ଶନିବାର ରେଞ୍ଜର ପ୍ରଭାତୀ ସେଠ୍‌ଙ୍କ ନେତୃତ୍ୱରେ ନିଆଁଦାଉରୁ ଜଙ୍ଗଲ ସୁରକ୍ଷା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଜୋନ୍ ୩ ଜିଲା ପରିଷଦ ସଦସ୍ୟା ସଂଯୁକ୍ତା ମେହେର ଯୋଗଦେଇ କହିଥିଲେ, ଜଙ୍ଗଲ ନାହିଁ ତ ଜୀବନ ନାହିଁ। ବର୍ତ୍ତମାନର ପରିସ୍ଥିତିରେ ପ୍ରତ୍ୟେକ ନାଗରିକ ଜଙ୍ଗଲ ସୁରକ୍ଷା ଆମର ନୈତିକ କର୍ତ୍ତବ୍ୟ ବୋଲି ମନେ କଲେ ଜଙ୍ଗଲ ସୁରକ୍ଷିତ ରହିବା ସହ ପରିବେଶ ସନ୍ତୁଳିତ ରହିବ ବୋଲି କହିଥିଲେ। ସେହିପରି ଅତିଥି ଭାବେ ତେଜୁରାମ ମାଝି, ସମିତି ସଭ୍ୟ ମଧୁ ପ୍ରଧାନ,ଖପ୍ରାଖୋଲ ଅଗ୍ନିଶମ ଅଧିକାରୀ ଚୁଡ଼ାମଣି ପିଙ୍କ, ଅବସରପ୍ରାପ୍ତ ଶିକ୍ଷକ ସଦାନନ୍ଦ ବେହେରା ଏବଂ ସାମାଜିକ କର୍ମୀ ସନ୍ତୋଷିନୀ ମେହେର ଯୋଗ ଦେଇଥିଲେ। ଅତିଥିମାନେ ଜଙ୍ଗଲରେ ନିଆଁ ଲାଗି କ୍ଷତି ହେଲେ ମଣିଷର ଦୈନନ୍ଦିନ ଜୀବନ ଉପରେ କ'ଣ ସବୁ ପ୍ରଭାବ ପଡ଼େ ସେ ଉପରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରିଥିଲେ। ରେଞ୍ଜର ସେଠ କହିଥିଲେ,ସାଧାରଣ ଜନତା ଚାହିଁଲେ ଜଙ୍ଗଲ ନିଶ୍ଚିତ ରୂପେ ସୁରକ୍ଷିତ ରହିବ। ବିଶେଷ କରି ଖରାଦିନରେ ଜଙ୍ଗଲରେ ବିଭିନ୍ନ କାରଣ ଯୋଗୁ ନିଆଁ ଲାଗି ଜଙ୍ଗଲ କ୍ଷତି ହେବାର ଆଶଙ୍କା ରହିଥାଏ। ସେଥିପାଇଁ ଜଙ୍ଗଲ ବିଭାଗ ସଜାଗ ରହିଛି। ଜଙ୍ଗଲରେ ନିଆଁ ଲାଗିଲେ ତାକୁ ପ୍ରଥମେ ଆୟତ୍ତ କରିବାକୁ ଚେଷ୍ଟା କରିବା ସହ ଜଙ୍ଗଲ ବିଭାଗ ସହ ଯୋଗାଯୋଗ କରିବାକୁ ଅନୁରୋଧ କରିଥିଲେ। କୌଣସି ବ୍ୟକ୍ତିବିଶେଷ ଜାଣି ଶୁଣି ଜଙ୍ଗଲରେ ନିଆଁ ଲଗାଇଲେ କ'ଣ ଦଣ୍ଡ ବିଧାନ ରହିଛି ସେନେଇ ରେଞ୍ଜର ଲୋକଙ୍କୁ ସଚେତନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଅବସରରେ ମାକର ବିହା ନାଟକ ମାଧ୍ୟମରେ ମଧ୍ୟ ନିଆଁଦାଉରୁ ଜଙ୍ଗଲ ସୁରକ୍ଷା ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। ଫରେଷ୍ଟର ସାଗରିକା ସେଠ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରିମିତା ମହାଲିଙ୍ଗ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବନ ବିଭାଗ,ପାରା କର୍ମଚାରୀ ଏବଂ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।



ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ରାଷ୍ଟ୍ରପତିଙ୍କୁ ୱାଲ ହ୍ୟାଙ୍ଗିଙ୍ଗ୍ ପ୍ରଦାନ କଲେ ପଦ୍ମଶ୍ରୀ ଚତୁର୍ଭୁଜ



ପଦ୍ମଶ୍ରୀ ଚତୁର୍ଭୁଜ ମେହେରଙ୍କ ବାନ୍ଧକଳାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିରୀକ୍ଷଣ କରୁଛନ୍ତି।

**ସୋନପୁର,୨୫।୨(ନି.ପ୍ର.)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିକଟରେ ଓଡିଶା ଗସ୍ତରେ ଆସିଥିଲେ। ସୁବର୍ଣ୍ଣପୁରର ପ୍ରତିଷ୍ଠିତ ବାନ୍ଧଶିଳ୍ପୀ ଶିଳ୍ପୀଗୁରୁ ପଦ୍ମଶ୍ରୀ ଚତୁଃର୍ଭୁଜ ମେହେର ଗତ ୧୦ ତାରିଖରେ ଭୁବନେଶ୍ୱର ରାଜଭବନରେ ରାଷ୍ଟ୍ରପତିଙ୍କୁ ଭେଟି ଏକ ସ୍ୱତନ୍ତ୍ର ୱାଲ ହାଙ୍ଗିଙ୍ଗ୍(କାନ୍ଥ ଝୁଲା) ପ୍ରଦାନ କରିଛନ୍ତି। ଏହି କାନ୍ଥ ଝୁଲାକୁ ପଦ୍ମଶ୍ରୀ ମେହେର ୧୦ ବର୍ଷ ପୂର୍ବରୁ ନିଜ ହାତରେ ବୁଣିଥିଲେ। ଏହି ବାନ୍ଧରେ କାଞ୍ଚି ବିଜୟ ଅଭିଯାନକୁ ନିଖୁଣ ଭାବରେ ପ୍ରଦର୍ଶିତ କରାଯାଇଛି। ରାଷ୍ଟ୍ରପତି ବୁଣାକାରଙ୍କ କଳାକୃତିକୁ ଉଚ୍ଚ ପ୍ରଶଂସା କରିଥିଲେ। ଶାଢିରେ ବିଭିନ୍ନ ଡିଜାଇନ୍ କରି ସର୍ବଦା ଚର୍ଚ୍ଚାରେ ରୁହନ୍ତି ସୁବର୍ଣ୍ଣପୁର ଜିଲାର କୁଶଳୀ ତନ୍ତଶିଳ୍ପୀମାନେ। ସରୁ ସୂତାରେ ସୂକ୍ଷ୍ମ କଳା ପ୍ରସ୍ଫୁଟିତ କରିବାରେ ସ୍ଥାନୀୟ ତନ୍ତଶିଳ୍ପୀଙ୍କ ଦେଶ ବିଦେଶରେ ପ୍ରସିଦ୍ଧି ରହିଛି।

## ସଂକ୍ଷେପରେ

### ଡିଭାଇଡର ଡେଇଁ କାରକୁ ଧକ୍କା ଦେଲା କାର: ୫ ଆହତ

ବଡ଼ଗାଁ, ୨୫।୨(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଗରିଆମାଲ ଗାଁ ନିକଟ ରାଜ୍ୟ ରାଜପଥରେ ଶନିବାର ସନ୍ଧ୍ୟାରେ ଏକ କାର ଡିଭାଇଡର ଡେଇଁ ଅନ୍ୟ ପାର୍ଶ୍ୱରେ ଯାଉଥିବା କାରକୁ ଧକ୍କା ଦେବାରୁ ପାଞ୍ଚ ଜଣ ଆହତ ହୋଇଛନ୍ତି। ସୁନ୍ଦରଗଡ଼ ନିକଟ କିରେଇ ଗ୍ରାମର ବସନ୍ତ ଧରୁଆ (୫୩) କାରରେ ତାଙ୍କ ମା ଚନ୍ଦ୍ରମା ଧରୁଆ (୭୩), ଝିଅ ରଶ୍ମିତା (୨୪)ଙ୍କ ସହିତ ବାହାଘରରେ ଯୋଗଦେଇ ଫେରୁଥିବାବେଳେ ରାଉରକେଲା ଉଦିତନଗରର ରମଣ ସିଂ ସବ୍‌ଡେଗାରୁ ରାଉରକେଲା ଫେରୁଥିଲେ। ରମଣ ସିଂଙ୍କ କାରରେ ବିନୟ ଅଗ୍ରୱାଲ ଥିଲେ। ତାଙ୍କ କାର ନିୟନ୍ତ୍ରଣ ହରାଇ ଡିଭାଇଡର ଡେଇଁ ବସନ୍ତଙ୍କ କାରକୁ ଧକ୍କା ଦେବାରୁ ସମସ୍ତେ ଆହତ ହୋଇଛନ୍ତି। ସେମାନଙ୍କୁ ବଡ଼ଗାଁ ମେଡିକାଲରେ ପ୍ରାଥମିକ ଚିକିତ୍ସା କରାଯାଇଛି।

### ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଦେବଗଡ,୨୫।୨(ଡି.ଏନ.ଏ): ସମଗ୍ର ଶିକ୍ଷା ଆନୁକୂଲ୍ୟରେ ତିଲେଇବଣି ବ୍ଲକ ସୁଗୁଡା ଗ୍ରାମ ପଞ୍ଚାୟତର ଗୁଣ୍ଡୁରିପୋଶି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ୧୫ ଦିନ ଧରି ଚାଲିଥିବା ରାଣୀ ଲକ୍ଷ୍ମୀବାଈ ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି। ଶନିବାର ଅପରାହ୍ନରେ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ପରମାନନ୍ଦ ବସନ୍ତରାଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ଉତ୍ସବରେ ଅତିଥି ଭାବେ ସୁଗୁଡା କ୍ଲଷ୍ଟରର ସିଆରସିସି ପ୍ରାଣବନ୍ଧୁ ଘଡେଇ ଯୋଗଦେଇଥିଲେ । ବିଦ୍ୟାଳୟ ପରିଚାଳନା ସମିତିର ଉପ ସଭାନେତ୍ରୀ ସୌମିତ୍ରୀ ସ୍ୱାଇଁ, ୱାର୍ଡ ସଦସ୍ୟା ପ୍ରିୟମ୍ବଦା ସାହୁ ଓ ଅଙ୍ଗନୱାଡି କର୍ମୀ ବସୁମତୀ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ । ଶେଷରେ ନୂତନ ଭାବେ ତାଲିମ ହାସଲ କରିଥିବା ଛାତ୍ରୀମାନଙ୍କ ଦ୍ୱାରା ଆତ୍ମ ସୁରକ୍ଷାର ବିଭିନ୍ନ କୌଶଳ ପ୍ରଦର୍ଶିତ ହୋଇଥିଲା । ଆଜିର କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ଭୋଳେଶ୍ୱର ସାହୁ ପରିଚାଳନା କରିଥିବାବେଳେ ଶିକ୍ଷକ ଗୋପରଞ୍ଜନ ପ୍ରଧାନ ଓ କ୍ଷମାନିଧି ସାହୁ ସହଯୋଗ କରିଥିଲେ। ବ୍ଲକ ସଂଯୋଜକ ଅନିଲ କୁମାର ବାର୍ଲାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ୧୫ ଦିନିଆ ତାଲିମ ଶିବିରରେ ମାଷ୍ଟର ଟ୍ରେନର ଭାବେ ଖୁସି ମୁଣ୍ଡା ଓ ଭଞ୍ଜ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷା ତାଲିମ ପ୍ରଦାନ କରିଥିଲେ ।

### ବାଇକ୍ ଦୁର୍ଘଟଣା: ଜଣେ ମୃତ, ଜଣେ ଆହତ

କର୍ଲାମୁଣ୍ଡା,୨୫।୨(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ଶିବ ମନ୍ଦିର ଛକ ଉତେଇ ନଦୀ ବ୍ରିଜ ସନ୍ନିକଟରେ ଶୁକ୍ରବାର ଏକ ବାଇକ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତକ ହେଲେ ସୁବର୍ଣ୍ଣପୁର ଜିଲା ବାଲିଖମାର ଗ୍ରାମର ଘନଶ୍ୟାମ ରଣା (୬୦) ଏବଂ ଆହତ ବ୍ୟକ୍ତି ହେଲେ ବଲାଙ୍ଗୀର ଜିଲା ତରାସିଙ୍ଗା ଗ୍ରାମର ଧନଞ୍ଜୟ ରଣା (୫୫)। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଧନଞ୍ଜୟ ଓ ଘନଶ୍ୟାମ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପୌରକେଲା ଗ୍ରାମରୁ ଏକ ବିବାହ ଭୋଜି ଖାଇ ତରାସିଙ୍ଗାକୁ ବାଇକ୍‌ରେ ଫେରୁଥିଲେ। କେସିଙ୍ଗା ବ୍ଲକ ବେଲଖଣ୍ଡି ଶିବ ମନ୍ଦିର ଛକ ଉତେଇ ନଦୀ ବ୍ରିଜ ସନ୍ନିକଟଠାରେ ଏକ ସାଇନ ବୋର୍ଡ ଲାଗିଥିବା ଖମ୍ବରେ ପିଟି ହୋଇ ଛିଟିକି ପଡ଼ିଥିଲେ। ଲୋକମାନେ ଆମ୍ବୁଲାନ୍ସ ଡାକି କର୍ଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉଭୟଙ୍କୁ ଆଣିଥିଲେ।

# ୮ କ୍ଲଷ୍ଟରରୁ ୪୦ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଯୋଗଦାନ

ଲହୁଣୀପଡ଼ା, ୨୫।୨(ଡି.ଏନ.ଏ.)



ସାମର୍ଥ୍ୟ ତାଲିମ ଶିବିରରେ ଯୋଗଦେଇଥିବା ଶିକ୍ଷୟିତ୍ରୀ, ଶିକ୍ଷକ।

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡା ପଞ୍ଚାୟତ ଗୁଢ଼ୀଆଳୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଚାଲିଥିବା ତିନିଦିନିଆ ସାମର୍ଥ୍ୟ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କ ଉଦ୍ଦେଶ୍ୟରେ ଗତ ତିନି ଦିନ ଧରି ଚାଲିଥିଲା ସାମର୍ଥ୍ୟ ତାଲିମ ଶିବିର। ଏହି ତାଲିମ ଶିବିରରେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଲହୁଣୀପଡ଼ା ବିଇଓ ଭଗବାନ ବାଙ୍କିରା ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ରାଧାରାଣୀ ପାତ୍ରଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଥିଲା। ଏହି ତିନି ଦିନିଆ ସାମର୍ଥ୍ୟ ଶିବିରରେ ଲହୁଣୀପଡା ବ୍ଲକ ଆଠଟି କ୍ଲଷ୍ଟରୁ ମୋଟ ୪୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ। ବିଆରଟି ମମତା ରାଉତରାୟ, ଆରପି ପୂର୍ଣ୍ଣ ଚନ୍ଦ୍ର ମହାକୁଳ, ଉମେଶ ଚନ୍ଦ୍ର ମାହାନ୍ତ, ଛନ୍ଦା ଚରଣ ସାହୁ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଏହି ତାଲିମ ତିନି ଦିନ ଧରି ଚାଲିଥିଲା। ଲହୁଣୀପଡା ବ୍ଲକ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷାଲାଭ କରୁଥିବା ଛାତ୍ରୀଛାତ୍ର ଅନ୍ୟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଭିନ୍ନ ବ୍ୟବହାର ନ ପାଇବା, ବିଦ୍ୟାଳୟ ଆସିବାକୁ ଆଗ୍ରହ ପ୍ରକାଶ କରୁ ନ ଥିଲେ ଆଗ୍ରହ ବୃଦ୍ଧି କରିବା ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଅସୁବିଧା ପ୍ରତି ଧ୍ୟାନ ଦେଇ ଏବଂ ଭିନ୍ନକ୍ଷମ ଥିଲେ ସୁଦ୍ଧା ସେମାନଙ୍କ ମଧ୍ୟରେ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ତାଲିମପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ପଡ଼ିବ ବୋଲି ଏହି ସାମର୍ଥ୍ୟ ଶିବିର ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ରହିଥିବା ଜଣାପଡିଛି। ଗୁରୁଚରଣ ମହାକୁଳ, ବୃନ୍ଦାବତୀ ମାହାନ୍ତ, ପ୍ରେମ ମଞ୍ଜରୀ ମାହାନ୍ତ, ମୋହନ ପ୍ରିୟ ମାହାନ୍ତ, ଜାନକୀ ମାହାନ୍ତ, କୈଳାସ କିସାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ଜଣାପଡିଛି।

**ତିନିଦିନିଆ ସାମର୍ଥ୍ୟ ତାଲିମ ଶିବିର ଉଦ୍‌ଯାପିତ**

# ଭବାନୀ କ୍ଲବ ପକ୍ଷରୁ ଏକଦିବସୀୟ କ୍ୟାରମ୍ ପ୍ରତିଯୋଗିତା

ସୁନ୍ଦରଗଡ଼, ୨୫।୨(ଡି.ଏନ୍.ଏ)

ସୁନ୍ଦରଗଡ଼ ସହର ପତ୍ରାପଡାସ୍ଥିତ ଭବାନୀ କ୍ଲବ ଆନୁକୂଲ୍ୟରେ ଏକ ଦିବସୀୟ କ୍ୟାରମ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା ଓ ସଦର ଉପଖଣ୍ଡ ପୋଲିସ ଅଧିକାରୀ ହିମାଂଶୁ ଶେଖର ବେହେରା ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ସୁନ୍ଦରଗଡ଼ ସହର ତଥା ଆଖପାଖ ଗ୍ରାମ ଓ ଜିଲା ବାହାରୁ ୨୨ଗୋଟି ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ଦୁର୍ଲଗା ଗ୍ରାମର ୨ଗୋଟି ଟିମ୍ ବିଜେତା ଓ ଉପବିଜେତା ହୋଇଥିଲେ। ବିଜେତାଙ୍କୁ ନଗଦ ୫ହଜାର ଟଙ୍କା ସହ ଟ୍ରଫି ଏବଂ ଉପବିଜେତାଙ୍କୁ ୩ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅତିରିକ୍ତ ପ୍ରକଳ୍ପ ଅଧିକାରୀ ରମେଶ ହାଁସଦା, ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା ଓ ପୌରାଧ୍ୟକ୍ଷା ତନୟା ମିଶ୍ର ପୁରସ୍କାର ବିତରଣ କରିଥିଲେ। କ୍ଲବର ସଦସ୍ୟ ତଥା କର୍ମକର୍ତ୍ତା ସୁରେନ୍ଦ୍ର ସାହୁ, ଉଦିତ ପ୍ରସାଦ, ରାଜେଶ ଶର୍ମା, ରବି ନାଏକ, ଶ୍ରୀରାମ ପଣ୍ଡା, ଶିଶିର ବେହେରା, ବସନ୍ତ ସାହୁ, ଜୟନାରାୟଣ ସିଂ, ସୁମନ୍ତ କୁମାର ପଣ୍ଡା, ସ୍ୱରୂପ ପଣ୍ଡା, ସତ୍ୟଜିତ ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



କ୍ୟାରମ ପ୍ରତିଯୋଗିତା ଚାଲିଛି।

# କମ୍ୟୁନିଷ୍ଟ ପାର୍ଟି ସୁନ୍ଦରଗଡ଼ ଜିଲା ପରିଷଦ ବୈଠକ



କମ୍ୟୁନିଷ୍ଟ ପାର୍ଟିର ଜିଲା ପରିଷଦ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ସୁନ୍ଦରଗଡ଼,୨୫।୨(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ଜିଲା ପରିଷଦ ବୈଠକ ଶନିବାର ସ୍ଥାନୀୟ ପୂର୍ତ୍ତ ବିଭାଗ ବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି। ରାଜେନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲା ସମ୍ପାଦକ ପ୍ରଦୋଷ କୁମାର ମହାନ୍ତି ଆସନ୍ତା ମାର୍ଚ୍ଚ ୨୩ରେ ଭୁବନେଶ୍ୱରଠାରେ ହେବାକୁ ଥିବା ବିକଳ୍ପ ସମାବେଶରେ ଜିଲାରୁ କିପରି ହଜାର ହଜାର ସଂଖ୍ୟାରେ ଯୋଗ ଦେବେ ସେ ଉପରେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଅଶୋକ କୁମାର ଦାଶ ହେବାକୁ ଥିବା ଏହି ବିକଳ୍ପ ସମାବେର ଆଭିମୁଖ୍ୟ ଓ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ।

**ବିକଳ୍ପ ସମାବେଶ ପାଇଁ ପ୍ରସ୍ତୁତି**

ସାମ୍ପ୍ରତିକ ଦେଶ ତଥା ରାଜ୍ୟରେ ପୁଞ୍ଜିବାଦ ରାଜନୀତି ଯୋଗୁ ଧନୀ ଆହୁରି ଧନୀ ଓ ଗରିବ ଆହୁରି ଗରିବ ହୋଇ ଯାଉଛି। ସାମ୍ପ୍ରଦାୟିକ ହିଂସା ଓ ବେକାରୀ ସମସ୍ୟା ବଢ଼ିବାରେ ଲାଗିଛି। ଓଡ଼ିଶାର ଖଣି ଲୁଟ୍ ଚାଲିଛି। ଏଭଳି ପରିସ୍ଥିତିରେ ରାଜ୍ୟରେ ହିଂସା ବଢିବା ସାଙ୍ଗକୁ ଅପରାଧିକ କାର୍ଯ୍ୟକଳାପ ମଧ ବୃଦ୍ଧି ପାଉଛି। ଏଭଳି ପରିସ୍ଥିତିରେ ରାଜ୍ୟକୁ ଏକ ବିକଳ୍ପ ରାଜନୀତିର ଆବଶ୍ୟକତା ରହିଛି। ଏକ ନୂତନ ଓଡ଼ିଶା ଗଠନ ପାଇଁ ଆସନ୍ତା ମାର୍ଚ୍ଚ୨୩ରେ ଶହୀଦ ଭଗତ ସିଂହଙ୍କ ଫାଶୀ ଦିବସରେ ଭୁବନେଶ୍ୱରଠାରେ ଏକ ବିକଳ୍ପ ସମାବେଶ ଅନୁଷ୍ଠିତ ହେବ ବୋଲି ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଦାଶ ପ୍ରକାଶ କରିଥିଲେ। ଏହି ସମାବେଶ ଓଡ଼ିଶାକୁ ଏକ ନୂତନ ରାଜନୈତିକ ବିକଳ୍ପ ସୃଷ୍ଟି କରିବ ବୋଲି ସେ ଆଶା ପ୍ରକାଶ କରିଥିଲେ। ଏଣୁ ଏହାକୁ ଗୁରୁତର ସହ ମନେ କରି ଜିଲାରୁ କିଭଳି ବହୁ ସଖ୍ୟାରେ ଜନସାଧାରଣ ଯୋଗଦେବେ ସେ ନେଇ ପ୍ରୟାସ କରିବାକୁ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଦାନନ୍ଦ ସାହୁ, ରାଧେଶ୍ୟାମ ଗର୍ଡିଆ, ସନ୍ତୋଷ କୁମାର ଆଚାର୍ଯ୍ୟ, ଦେବାନନ୍ଦ ବାଦଲ, ଦଶରୁ କିଷାନ, ଯଶୋଦା ରୋହିଦାସ, ସୁଶାନ୍ତ ଓରାମ, ଗୋପାଳ ସୋରେଙ୍ଗ, ସୁନୀଲ ନାଏକ, ଭାଲେନ କିଣ୍ଡୋ, ଗୋକୁଳାନନ୍ଦ ପଟେଲ, ଶ୍ରୀକୃଷ୍ଣ ସଖା, ମାନଫିଲ ମିଞ୍ଜ ପ୍ରମୁଖ ଉପସ୍ଥିତ ରହି ନିଜର ବକ୍ତବ୍ୟ ରଖିଥିଲେ। ଶେଷରେ ନରେଶ ମେହେର ଧନ୍ୟବାଦ ଦେଇଥିଲେ।

# ବାଲି ବୋଝେଇ ଦୁଇ ଗାଡ଼ି ଜବତ: ୫୦ ହଜାର ଟଙ୍କା ଜରିମାନା

ଲହୁଣୀପଡ଼ା, ୨୫।୨(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ୨୧୫ ନଂ. ଜାତୀୟ ରାଜପଥ ର ଲହଙ୍ଗାପଡ଼ା ବାଇପାସ ଛକ ନିକଟରୁ ଦୁଇଟି ବେନିୟମ ବାଲି ବୋଝେଇ ଦଶ ଚକିଆ ହାଇୱାକୁ ଲହୁଣୀପଡ଼ା ତହସିଲ ପକ୍ଷରୁ ଜବତ କରାଯାଇ ୫୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଜଣାପଡିଛି। ସୂଚନାରୁ ପ୍ରକାଶ ଯେ, ବେନିୟମ ବାଲି ବୋଝେଇ ହାଇୱା ଓଆର ୧୪ଡବ୍ଲ୍ୟୁ – ୪୯୩୧, ଓଆର ୧୪ଡବ୍ଲ୍ୟୁ –୪୯୩୨ ଯାଉଥିବାବେଳେ କୌଣସି ସୂତ୍ରରୁ ଖବର ପାଇ ଲହୁଣୀପଡ଼ା ତହସିଲଦାର ସୌଦାମିନୀ ନାୟକ ଓ ଆର୍‌ଆଇ ଶ୍ରୀକାନ୍ତ ପାତ୍ର ବାଇପାସଠାରେ ଚଢ଼ାଉ କରିଥିଲେ। ଗାଡି ଦୁଇଟିକୁ ଅଟକ ରଖି ପଚରାଉଚରା କରିବା ସହିତ ଯାଞ୍ଚବେଳେ ବାଲି ବୋଝେଇ ଦୁଇ ହାଇୱାର ଟିପି ନ ଥିବା ଜଣାପଡିଥିଲା। ଗାଡିକୁ ଜବତ କରି ତହସିଲ କାର୍ଯ୍ୟାଳୟକୁ ଅଣାଯାଇଥିଲା। ବେନିୟମ ବାଲି ଚାଲାଣ ପାଇଁ ଦୁଇ ଗାଡିରୁ ୫୦ ହଜାର ଟଙ୍କା ଜରିମାନା ଆଦାୟ କରି ଗାଡି ଦୁଇଟିକୁ ଛାଡି ଦିଆଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷେ ଟ୍ରିପ ଟ୍ରିପ ବାଲି ଚାଲାଣ ନେଇ ଅଭିଯୋଗ ହେଉଥିବାବେଳେ ଲହୁଣୀପଡା ତହସିଲ ପକ୍ଷରୁ ମଧ ବିଭିନ୍ନ ସମୟରେ ଚଡାଉ ଜାରି ରହିଥିବା ଜଣାପଡିଛି।

# ଗୋପାଳପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ

ସୁନ୍ଦରଗଡ଼,୨୫।୨(ଡି.ଏନ.ଏ.)

ଏମ୍‌ସିଏଲ କୋଇଲା ଖଣି ଅଞ୍ଚଳରେ କାର୍ଯ୍ୟରତ ଡିବିଏଲ କମ୍ପାନୀ ତରଫରୁ ଗୋପାଳପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସ୍ୱଛତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଡିବିଏଲ ସିଏସଆର ମ୍ୟାନେଜର ବିଜୟ ତିୱାରୀ, ବିଦ୍ୟାଳୟ କମିଟିର ଚେୟାରମ୍ୟାନ ଅନାମ ପ୍ରଧାନ, ପ୍ରଧାନ ଶିକ୍ଷୟିତ୍ରୀ ଘସିଆନ ସେଠ, ସହକାରୀ ଶିକ୍ଷକ ତମ୍ବରୁଧର ଗଡାଇ ତଥା ବିଦ୍ୟାଳୟ କମିଟିର ସଭ୍ୟାସଭ୍ୟ ଯୋଗଦେଇଥିଲେ। ଏହି ଅବସରରେ ସ୍ୱଛତା ସମ୍ପର୍କରେ ଏକା କୁଇଜ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ସଚେତନତା କାର୍ଯ୍ୟକ୍ରମ



ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ସଚେତନ କରାଯାଉଛି।

କୁଆଁରମୁଣ୍ଡା,୨୫।୨(ଡି.ଏନ.ଏ.)

ରାଉରକେଲା ବନଖଣ୍ଡ ଅନ୍ତର୍ଗତ କୁଆଁରମୁଣ୍ଡା ବନାଞ୍ଚଳର ରାଇବେର୍ଣ୍ଣା ଗ୍ରାମରେ ଶନିବାର ଲଙ୍ଗଲରେ ନିଆଁ ନ ଲଗାଇବା ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୁଆଁରମୁଣ୍ଡା ରେଞ୍ଜର ସ୍ୱାଧୀନତା ସାହାଣୀଙ୍କ ତତ୍ତ୍ୱାବଧାନରେ କୁଆଁରମୁଣ୍ଡା ବନପାଳ ବିନୀତା କିଶୋରୀ ବରୱାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାଇବେର୍ଣ୍ଣା ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ ସଙ୍ଗଠନ ଏସ୍‌ଜିୟୁପି ଓ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ସାମିଲ ହୋଇଥିଲେ। ବ୍ୟାନର, ପ୍ଲାକାର୍ଡ ଧରି ଶୋଭାଯାତ୍ରା କରି ଜନ ସଚେତନତା ସୃଷ୍ଟି କରିଥିଲେ। ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ନିମନ୍ତେ ଜଙ୍ଗଲରେ ନିଆଁ ଲଗାଇବା ଉଚିତ ହୋଇ ନ ଥିବାବେଳେ ଏହି କାର୍ଯ୍ୟ ଦଣ୍ଡନୀୟ ଅପରାଧ ବୋଲି ଉପସ୍ଥିତ ବନ କର୍ମଚାରୀମାନେ ଗ୍ରାମବାସୀଙ୍କୁ ଅବଗତ କରାଇବା ସହ ସଚେତନ କରାଇଛନ୍ତି। ଏଥିରେ ଦୁଃଶାସନ ମହାନ୍ତ, ଚିତ୍ତରଞ୍ଜନ କିଷାନ, ପ୍ରଧାନ କିଷାନ, ଘନଶ୍ୟାମ ବାରିକ, ତିଳିରାଣୀ କିଷାନ, ଯମୁନା କିଷାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ବିପୁଳ ପରିମାଣର ଦେଶୀ ମଦ ଜବତ, ଜଣେ ଗିରଫ

ଦେବଗଡ,୨୫।୨(ଡି.ଏନ୍.ଏ.)

ଦେବଗଡ ଅବକାରୀ ବିଭାଗ ପକ୍ଷରୁ ଦେବଗଡ ପୌରାଞ୍ଚଳ ତଅଁଳା ସାହିର ଜଣେ ବେଆଇନ ମଦ ବ୍ୟବସାୟୀ ଘରେ ଅତର୍କିତ ଚଡାଉ କରାଯାଇ ବିପୁଳ ପରିମାଣର ଦେଶୀ ମଦ ଜବତ କରାଯାଇଛି। ଏଥିସହ ଏ ଘଟଣାରେ ବେଆଇନ ମଦ ବ୍ୟବସାୟୀ କ୍ଷିତେଶ୍ୱର ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। କ୍ଷିତେଶ୍ୱର ଘରେ ବେଆଇନ ଭାବେ ଦେଶୀ ମଦ ବେପାର କରି ଆସୁଥିଲେ। ଏନେଇ ସୂଚନା ପାଇବା ପରେ ଶନିବାର ସକାଳେ ଅବକାରୀ ବିଭାଗ ଇନ୍ସପେକ୍ଟର ମଧୁସୂଦନ ସାହୁଙ୍କ ନେତୃତ୍ୱରେ ଏକ ୧୨ ଜଣିଆ ଟିମ କ୍ଷିତେଶ୍ୱର ଘରେ ଅଚାନକ ଚଡାଉ କରିବା ସହ ସେଠାରୁ ୩୬୦ ଲିଟର ମଦ ଜବତ କରିଥିଲେ। ଜବତ ହୋଇଥିବା ଦେଶୀ ମଦ ବାରକୋଟ ବ୍ଲକରେ ଥିବା ଏକ ନିର୍ଦ୍ଦିଷ୍ଟ ସରକାରୀ ମଦଭାଟିରୁ ଆସିଥିବା ଜଣାପଡିଥିବାରୁ ଅବକାରୀ ବିଭାଗ କର୍ତ୍ତୃପକ୍ଷ ଏନେଇ କି ପଦକ୍ଷେପ ଗ୍ରହଣ କରୁଛନ୍ତି ସେନେଇ ସାଧାରଣରେ ଉତ୍ସୁକତା ପ୍ରକାଶ ପାଇଛି।



ଅବକାରୀ ବିଭାଗ ଦ୍ୱାରା ଜବତ ହୋଇଥିବା ମଦ।

# ଅଘରିଆ ସମାଜ ଗାଙ୍ଗପୁର ଅଞ୍ଚଳର ବାର୍ଷିକ ଅଧିବେଶନ

ସୁନ୍ଦରଗଡ଼,୨୫।୨(ଡି.ଏନ୍.ଏ.)

ଅଖିଳ ଭାରତୀୟ ୮୪ ଘର ଅଘରିଆ ସମାଜ ଗାଙ୍ଗପୁର ଆଞ୍ଚଳିକ କମିଟି, ସଦର ମଣ୍ଡଳ ଅନ୍ତର୍ଗତ ଭସ୍ମା ଗ୍ରାମରେ ଦ୍ୱିତୀୟ ବାର୍ଷିକ ଅଧିବେଶନ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ୟାରିମୋହନ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଅଧିବେଶନରେ ଦୁର୍ଗା ମାଧବ ପଟେଲ, ଦିଲୀପ ପଟେଲ, ଯଶୋବନ୍ତ ପଟେଲ, ଈଶ୍ୱର ଚନ୍ଦ୍ର ନାଏକ, ପ୍ରଦୀପ ନାଏକ, ଭିକାରୀ ଚରଣ ଚୌଧୁରୀ, ସୁରେନ୍ଦ୍ର ପଟେଲ, ବେଣୁଧର ପଟେଲ, ସୁରେଶ କୁମାର ପଟେଲ ଏବଂ ସମସ୍ତ ମଣ୍ଡଳ ସଭାପତି ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଗାଙ୍ଗପୁର ଆଞ୍ଚଳିକ କମିଟି ଅନ୍ତର୍ଗତ ସମସ୍ତ ଗୁଡି ସଭାପତିମାନେ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ସଂସ୍କୃତି ମୂଲ୍ୟବୋଧ ଓ ମହିଳା ଜାଗରଣ ଶୀର୍ଷକ ଆଲୋଚନାରେ ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଅଘରିଆ ସମାଜର ବହୁ ସଂଖ୍ୟାରେ ସଦସ୍ୟାସଦସ୍ୟ ଅଂଶଗ୍ରହଣ କରିଥିଲେ। ଆଞ୍ଚଳିକ କମିଟି ସମ୍ପାଦକ ସୁରେଶ କୁମାର ପଟେଲ ବିବରଣୀ ପାଠ କରିଥିଲେ। ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲ ଯୋଗଦେଇ ସମାଜର ଉନ୍ନତି ପାଇଁ ନିଷ୍ଠାପର ଉଦ୍ୟମ ପାଇଁ ଆହ୍ୱାନ ଦେଇଥିଲେ। ମନୋଜ ଚୌଧୁରୀ, ମହିଳା ନେତ୍ରୀ ସ୍ନେହଲତା ପଟେଲ, ଲିଲି ନାଏକ, ଆରତୀ ପଟେଲ, ସ୍ୱର୍ଣ୍ଣଲତା ନାଏକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅଧିବେଶନ ପୂର୍ବରୁ ସ୍ଥାନୀୟ ଇବ ନଦୀରୁ ମହିଳାମାନେ ଏକ ଶୋଭାଯାତ୍ରାରେ ଜଳ ଆଣିଥିଲେ।




ଅଘରିଆ ସମାଜ ବାର୍ଷିକ ଅଧିବେଶନରେ ଉପସ୍ଥିତ କର୍ମକର୍ତ୍ତା।

# ବଜରଙ୍ଗ କପ୍ କ୍ରିକେଟ: ଲିଟିଲ ଷ୍ଟାର ଫାଇନାଲରେ

ଦେବଗଡ଼, ୨୫।୨(ଡି.ଏନ୍.ଏ.)




ସାଣ୍ଡି ନାୟକଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

ମହାବୀର କ୍ଲବ ପକ୍ଷରୁ ସ୍ଥାନୀୟ ମହୁଲଡିପା ସାହି ନାଳ ପଡିଆଠାରେ ଚାଲିଥିବା ବଜରଙ୍ଗ କପ୍ କ୍ରିକେଟ ପ୍ରତିଯୋଗିତାରେ ଶନିବାର ପୁଲ 'ବି'ର ଦ୍ୱିତୀୟ ସେମିଫାଇନାଲ ଫ୍ରେଣ୍ଡସ କ୍ରିକେଟ କ୍ଲବ ସହିତ ଲିଟିଲ ଷ୍ଟାର ଝାରସୁଗୁଡା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଲିଟିଲ ଷ୍ଟାର ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲା। ତେବେ ନିର୍ଦ୍ଧାରିତ ଓଭରରେ ଲିଟିଲ ଷ୍ଟାର ଦଳ ୨୩୯ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଫ୍ରେଣ୍ଡସ କ୍ରିକେଟ କ୍ଲବ ୧୫୨ ରନ ସଂଗ୍ରହ କରି ମ୍ୟାଚରେ ପରାସ୍ତ ହୋଇଥିଲା । ମ୍ୟାଚକୁ ପ୍ରଶାନ୍ତ ଦେବ ଓ ପ୍ରତାପ ଦେବ ପରିଚାଳନା କରିଥିବାବେଳେ ସ୍କୋରର ଭାବେ ଲଗେନ ସାହୁ ଦାୟିତ୍ୱ ତୁଲାଇଥିଲେ। ବେଣୁଧର ଗଡନାୟକ ଓ ଚେତନ ସିହ୍ନା ମ୍ୟାଚର ଧାରାବିବରଣୀ ପ୍ରଦାନ କରିଥିଲେ। କ୍ଲବର ଉପସଭାପତି ପ୍ରିତମ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଜେଡି ଜିଲା ସଭାପତି ରୋମାଞ୍ଚରଞ୍ଜନ ବିଶ୍ୱାଳ, ଜିଲା କ୍ରିକେଟ ସଂଘର ସମ୍ପାଦକ ସୁଜିତ ପ୍ରଧାନ, ବିଜେଡି କୃଷକ ମୋର୍ଚ୍ଚା ସଭାପତି ଚିତ୍ତରଞ୍ଜନ ପ୍ରଧାନ, ଏସ୍‌ଡିସିସି ବ୍ୟାଙ୍କର ପୂର୍ବ ସଭାପତି ଅମରେନ୍ଦ୍ର ଗଙ୍ଗଦେବ, ବାରକୋଟ ବ୍ଲକ ବିଜେଡି ସଭାପତି ହୀରାଲାଲ ସାହୁ ଯୋଗଦେଇ ଲିଟିଲ ଷ୍ଟାର ଦଳର ସାଣ୍ଡି ନାୟକଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଏଥିରେ କ୍ଲବର ସଭାପତି କାର୍ତ୍ତିକ ମହାକୁଳ, ସମ୍ପାଦକ ରାଜୀବ ଗଡନାୟକ, କୋଷାଧ୍ୟକ୍ଷ ପ୍ରିତମ ସାହୁ, ସହ କୋଷାଧ୍ୟକ୍ଷ ତନ୍ମୟ ଦାଶ ଉପସ୍ଥିତ ଥିଲେ। କ୍ଲବର ସଦସ୍ୟ ଶାଶ୍ୱତ ନନ୍ଦ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ତନ୍ମୟ ପ୍ରଧାନ, ଆକାଶ ବାରିକ, ପିଣ୍ଟୁ ଦେବ, ଅଲେଖ ଦଣ୍ଡିଆ, ଅଜିତ ଦଣ୍ଡିଆ, କୁଲୁ ସାହୁ, ଚିନ୍ମୟ ଦାଶ, ଦିପୁ ପ୍ରଧାନ, ସିପୁନ ଭଞ୍ଜ, ଗଣେଶ ବାଟିଆ, ଦୁଷ୍ମନ୍ତ ସାହୁଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ସଂକ୍ଷେପରେ

### କାର୍ ମୋଟର ସାଇକେଲ ମୁହାଁମୁହିଁ ଧକ୍କା:୩ ଜଣ ଗୁରୁତର

ମୁରିବାହାଲ,୨୫।୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ମୁରିବାହାଲ ଥାନା ୫୯ ନମ୍ବର ଜାତୀୟ ରାଜପଥର ଗୋଇମୁଣ୍ଡ ଗ୍ରାମ ପଞ୍ଚାୟତର ଗୁରଣ୍ଡା ଗ୍ରାମ ନିକଟରେ ଶନିବାର ସନ୍ଧ୍ୟାରେ ଏକ କାର ଓ ମୋଟର ସାଇକେଲ ମଧରେ ମୁହାଁମୁହିଁ ଧକ୍କା ହେବାରୁ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଏକ ମୋଟର ସାଇକେଲ ଯୋଗେ ୩ ଜଣ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା କାର ସହ ଧକ୍କା ହୋଇଥିଲା। ଫଳରେ ମୋଟର ସାଇକେଲ ଚାଳକ, ଜଣେ ୧୬ ବର୍ଷର ବାଳିକା ଓ ଜଣେ ଶିଶୁ ଆହତ ହୋଇଥିଲେ । ସେମାନଙ୍କୁ ପ୍ରଥମେ ଟିଟିଲାଗଡ଼ ଡାକ୍ତରଖାନା ନିଆଯାଇ ପରେ ବଲାଙ୍ଗୀର ଭୀମଭୋଇ ମେଡିକାଲରେ ଭର୍ତ୍ତି କରାଯାଇଛି। ଖବର ପାଇ ମୁରିବାହାଲ ପୋଲିସ ଏସଆଇ ଡି. ଓରାମ, କେଶବ ବେହେରା ପ୍ରମୁଖ ଘଟଣାସ୍ଥଳକୁ ଯାଇ ଦୁର୍ଘଟଣାଗ୍ରସ୍ତ ଗାଡି ଜବତ କରିଥିଲେ ।

### ଗଞ୍ଜେଇ ଚାଲାଣ ମାମଲାରେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ବୌଦ୍ଧ,୨୫।୨(ସ୍ୱ.ପ୍ର.): ବୌଦ୍ଧ ଜିଲା ଅତିରିକ୍ତ ଦୌରାଜଜ୍ ଅଲ୍ପନା ସ୍ୱାଇଁ ଗଞ୍ଜେଇ ଚାଲାଣ ମାମଲାର ବିଚାର କରି ତାଙ୍କ ରାୟରେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିବାକୁ ଆଦେଶ ପ୍ରଦାନ କରିଛନ୍ତି। ସୂଚନା ମୁତାବକ ଗତ ୨୦୧୬ ଡିସେମ୍ବର ୧୫ ତାରିଖ କନ୍ଧମାଳ ଜିଲାର ଗଣେଶ ସାହୁ ଏକ ଇଣ୍ଡିଗୋ ଗାଡି ଓଆର ୦୭ପି ୮୦୦୫ ଯୋଗେ ଫୁଲବାଣୀରୁ ଗଞ୍ଜେଇ ନେଇ ବରଗଡ଼ ଜିଲାକୁ ବିକ୍ରୟ କରିବାକୁ ଯାଉଥିଲେ। ବିଶ୍ୱସ୍ତ ସୂତ୍ରରୁ ସୂଚନାପାଇ ବୌଦ୍ଧ ପୋଲିସ ମହାନଦୀ ବ୍ରିଜଛକ ନିକଟରେ ଗାଡିକୁ ଅଟକାଇଥିଲା। ପୋଲିସକୁ ଦେଖି ଗାଡିର ଡ୍ରାଇଭର ଓହ୍ଲାଇ ଦୌଡି ପଳାଇଥିବାବେଳେ ଗାଡି ଭିତରୁ ୪୦କିଲୋ ଗଞ୍ଜେଇ ଜବତ କରିବା ସହିତ ମାମଲାରେ ଗଣେଷ ସାହୁଙ୍କୁ ଗିରଫ କରି ଥାନାକୁ ଆଣି ପଚରାଉଚୁରା କରିଥିଲା। ବରଗଡ଼ ଜିଲାର ମନୋଜ ବଡେଇଙ୍କୁ ବିକ୍ରୟ କରିବା ପାଇଁ ଉକ୍ତ ଗଞ୍ଜେଇ ନେଉଥିବା ଗଣେଷ ବୟାନ ଦେବା ପରେ ପୋଲିସ ମନୋଜ ବଡେଇଙ୍କ ନାମରେ ମଧ୍ୟ ମାମଲା ରୁଜୁ କରି ଗିରଫ କରିବା ସହିତ ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ ମନୋଜ ଜାମିନରେ ଥିବାବେଳେ ଅଭିଯୁକ୍ତ ଗଣେଷଙ୍କ ନାମରେ ମାମଲା ଅତିରିକ୍ତ ଜିଲା ଦୌରାଜଜଙ୍କ ଅଦାଲତରେ ସ୍ପେଶାଲ କେସ ନମ୍ବର ୪୫/୨୦୧୬ ହୋଇ ବିଚାରାଧିନ ରହିଥିଲା। ଶନିବାର ଏହି ମାମଲାରେ ବିଚାରକରି ୧୨ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଅଦାଲତ ଅଭିଯୁକ୍ତଙ୍କ ବିରୋଧରେ ପ୍ରମାଣ ଅଭାବରୁ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିବା ଜଣାଯାଇଛି । ଏହି ମାମଲାକୁ ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଓକିଲ ତାରେଣି କୁମାର ମହାପାତ୍ର ପରିଚାଳନା କରିଥିଲେ ।

# ବର କାର୍ ମାଡ଼ିଗଲା ବରଯାତ୍ରୀଙ୍କ ଉପରେ

**ବାଘଝରଣ ଗାଁରେ ଅଘଟଣ**

**■ଜଣେ ମୃତ,୧୧ ଆହତ**

ଖପ୍ରାଖୋଲ,୨୫।୨(ଡି.ଏନ୍.ଏ.)

ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ସରିଥିଲା। ହସଖୁସିର ମାହୋଲ ବି ଥିଲା। ବର ବାହାରି କନ୍ୟାଘରକୁ ଯିବା ପାଇଁ ଆୟୋଜନ ଚାଲିଥିଲା। ଡିଜେ ଓ ବାଜାର ତାଳେ ତାଳେ ବରଯାତ୍ରୀ ଦଳ ନାଚରେ ମସ୍‌ଗୁଲ ଥିଲେ। ଏହି ସମୟରେ ବର ଯିବା ପାଇଁ ସଜା ହୋଇଥିବା କାର୍‌ଟି ହଠାତ୍ ବରଯାତ୍ରୀଙ୍କ ଉପରେ ମାଡ଼ିଯିବାରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହେବାସହ ୧୧ ଜଣ ଆହତ ହୋଇଛନ୍ତ। ଦୁର୍ଘଟଣା ପରେ ଲୋକେ ଉତ୍ତ୍ୟକ୍ତ ହୋଇ କାର୍ ଭଙ୍ଗାରୁଜା କରିଥିବା ଜଣାଯାଇଛି। ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ବାଘଝରଣ ଗାଁରେ ଶୁକ୍ରବାର ବିଳମ୍ବିତ ରାତିରେ ଏଭଳି ଅଘଟଣ ଘଟିଛି।

ମିଳିଥିବା ସୂଚନା ଅନୁଯାୟୀ, ମହରାପଦର ପଞ୍ଚାୟତ ବାଘଝରଣ ଗାଁର ଦୁତିଆ ବରିହାଙ୍କ ପୁଅ ହୁତାଶନଙ୍କ ବାହାଘର ଥିବାରୁ ବାଣ, ରୋଶଣି, ଡିଜେ ସହ ବରଯାତ୍ରୀ ବାହାରିଥିଲେ। ଘରଠାରୁ ଅଳ୍ପଦୂରରେ ବରଯାତ୍ରୀ ଦଳ



ଗିରଫ କାର ଡ୍ରାଇଭର ଦୁର୍ଯ୍ୟୋଧନ ।



ଦୁର୍ଘଟଣା ଘଟାଇଥିବା କାର

ନାଚୁଥିବା ବେଳେ ବର ବସି ଯିବା ପାଇଁ ଛିଡ଼ା ହୋଇଥିବା ଆଇ ୧୦ (ନଂ .ଓ ୦୨ ବିସି ୩୮୪୮)କାର୍ ହଠାତ୍ ଦ୍ରୁତଗତିରେ ପଛପଟୁ ଆସି ବରଯାତ୍ରୀଙ୍କ ଉପରେ ମାଡ଼ିଯାଇଥିଲା । ଫଳରେ ୧୨ ବରଯାତ୍ରୀ ଆହତ ହୋଇଥିଲେ। ଏହାକୁ ନେଇ ଲୋକେ ଦୁର୍ଘଟଣା ଘଟାଇଥିବା କାର୍‌କୁ ଭଙ୍ଗାରୁଜା କରିବା ପରେ ଚାପା ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ଖପ୍ରାଖୋଲ ପୋଲିସ, ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆହତମାନଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଯୋଗେ ଖପ୍ରାଖୋଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ରାଜା ବରିହା (୪୫)ଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଆକାଶ ବରିହା (୧୩), ଦେମତି ବରିହା (୩୬) ଓ ମିତ୍ରଘନ ବରିହା (୩୦) ଗୁରୁତର ଥିବାରୁ ବଲାଙ୍ଗୀର ଭୀମଭୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଯଶୋଦା ବରିହା (୪୦) ଖପ୍ରାଖୋଲ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଅନ୍ୟ ୭ ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ାଯାଇଛି। ପୋଲିସ ଦୁର୍ଘଟଣା ଘଟାଇଥିବା ଗାଡ଼ିର ଡ୍ରାଇଭର ଦୁର୍ଯ୍ୟୋଧନ ନାଗ(୪୪)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ଖପ୍ରାଖୋଲ ଥାନାରେ ନଂ.୩୨/୨୩ରେ ଏକ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ, ହୁତାଶନ ବହିରାଙ୍କ ବାହାଘର ତାଙ୍କ ଗ୍ରାମଠାରୁ ୨୦ କି.ମି. ଦୂର ହିର୍ଲି ଗାଁରେ ହେବାର ଥିଲା । ଦୁର୍ଘଟଣା ଯୋଗୁ ବାହାଘର ହୋଇପାରି ନ ଥିବା ବେଳେ ଶନିବାର କନ୍ୟାଙ୍କୁ ବରଘର ନିଜ ଗାଁକୁ ଆଣିଥିବା ଜାଣିବାକୁ ମିଳିଛି । ଦୁର୍ଘଟଣା କେଉଁ ପରିସ୍ଥିତିରେ ଘଟିଲା ତାକୁ ନେଇ ତଦନ୍ତ ଜାରି ରହିଛି।

# ଅରୁନ୍ଧତୀ ଫାଉଣ୍ଡେଶନ୍ ପକ୍ଷରୁ ମେଗା ରକ୍ତଦାନ ଶିବିର




ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି ଓ ଅନ୍ୟ ଅତିଥିଙ୍କ ଗହଣରେ ଅରୁନ୍ଧତୀ ଫାଉଣ୍ଡେଶନ ମେଗା ରକ୍ତଦାନ ଶିବିରରେ ଗ୍ରୁପ୍ ଡାଇରେକ୍ଟର ଅଚ୍ୟୁତାନନ୍ଦ ମେହେର ରକ୍ତଦାନ କରୁଛନ୍ତି।

**ବଲାଙ୍ଗୀରରେ ୫୧ ୟୁନିଟ୍ ରକ୍ତ ସଂଗ୍ରହ**

ବଲାଙ୍ଗୀର ଅଫିସ, ୨୫।୨

ଅରୁନ୍ଧତୀ ଫାଉଣ୍ଡେଶନ ପକ୍ଷରୁ ରାଜ୍ୟର ତିନୋଟି ସ୍ଥାନ ବଲାଙ୍ଗୀର, ଭବାନୀପାଟଣା ଓ ଭୁବନେଶ୍ୱରଠାରେ ଶନିବାର ମେଗା ରକ୍ତଦାନ ଶିବିର ଆୟୋଜନ କରାଯାଇଥିବା ଜଣାପଡିଛି। ବଲାଙ୍ଗୀର ହିରୋ ମୋଟର୍ସ ଶୋ ରୁମ୍‌ରେ ଆୟୋଜିତ ମେଗା ରକ୍ତଦାନ ଶିବରକୁ ଅତିଥି ଭାବେ ଯୋଗଦେଇ ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ଅଧୀକ୍ଷକ ଡା. ମାନସୀ ପଣ୍ଡା, ଅରୁନ୍ଧତୀ ଗ୍ରୁପ୍ ଡାଇରେକ୍ଟର ଅଚ୍ୟୁତାନନ୍ଦ ମେହେର, ଅରୁନ୍ଧତୀ ଫାଉଣ୍ଡେଶନର ଡାଇରେକ୍ଟର ସୁସ୍ମିତା ମେହେର ଉପସ୍ଥିତ ଥିଲେ। ବଲାଙ୍ଗୀର ମେଗା ରକ୍ତଦାନ ଶିବିରରେ ୫୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଗ୍ରୁପ ଡାଇରେକ୍ଟର ମେହେର କହିଥିଲେ ଯେ, ଅରୁନ୍ଧତୀ ଫାଉଣ୍ଡେଶନର ପ୍ରଥମ ମେଗା ରକ୍ତଦାନ ଶିବିର ହୋଇଛି। ଅରୁନ୍ଧତୀ କେବଳ ବ୍ୟବସାୟ ଭିତରେ ସୀମିତ ନ ରହି ସାମାଜିକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ସଂଶ୍ଳିଷ୍ଟ ରହିଆସିଛି। ରକ୍ତଦାନ ମହତ ଦାନ। ଏଣୁ ଏ ଦିଗରେ ଅରୁନ୍ଧତୀ ଆଗକୁ ମଧ କାର୍ଯ୍ୟକ୍ରମ ଜାରି ରଖିବ ବୋଲି କହିଥିଲେ। ଅରୁନ୍ଧତୀ ପକ୍ଷରୁ ଏଭଳି ସେବାମୂଳକ କାର୍ଯ୍ୟକ୍ରମକୁ ପ୍ରଶଂସା କରାଯାଇଛି।

# ବଡଫଂଟାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥି ବୃନ୍ଦ ।

ଡୁଙ୍ଗୁରିପାଲି, ୨୫।୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ବଡ଼ଫଟାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିବପ୍ରସାଦ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଗଣେଶ କିଷାନ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ଗୁଞ୍ଜାଲୁ ମିର୍ଦ୍ଧା, ସରପଞ୍ଚ ପ୍ରତିନିଧି ମନୋଜ ଦିଶ୍ରି, ବଦ୍ରିନାରାୟଣ ପାଣ୍ଡିଆ, ବିଦ୍ୟାଳୟର ମୋସ୍କୁଲ ଅଭିଯାନର ସଭାପତି ସୁରେନ୍ଦ୍ର ଖମାରୀ,ସିଆରସିସି ପଲସ୍ତି ବାରିକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତପନ ସେଠ ମଞ୍ଚାସୀନ ଥିଲେ। ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷକ ଶଙ୍କର ଗଡତିଆ ଓ ଲିଜା ମେହେର ସଭା ପରିଚାଳନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷକ ମୃତ୍ୟୁଞ୍ଜୟ ଉଦୁରକୁଲିଆ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଉତ୍ସବରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ଦିବ୍ୟ ରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଅଘରିଆ ସମାଜ ଗାଙ୍ଗପୁର ଅଞ୍ଚଳର ବାର୍ଷିକ ଅଧିବେଶନ

ସୁନ୍ଦରଗଡ଼,୨୫।୨(ଡି.ଏନ୍.ଏ.)

ଅଖିଳ ଭାରତୀୟ ୮୪ ଘର ଅଘରିଆ ସମାଜ ଗାଙ୍ଗପୁର ଆଞ୍ଚଳିକ କମିଟି, ସଦର ମଣ୍ଡଳ ଅନ୍ତର୍ଗତ ଭଷ୍ମା ଗ୍ରାମରେ ଦ୍ୱିତୀୟ ବାର୍ଷିକ ଅଧିବେଶନ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ୟାରିମୋହନ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଅଧିବେଶନରେ ଦୁର୍ଗା ମାଧବ ପଟେଲ, ଦିଲୀପ ପଟେଲ, ଯଶୋବନ୍ତ ପଟେଲ, ଈଶ୍ୱର ଚନ୍ଦ୍ର ନାଏକ, ପ୍ରଦୀପ ନାଏକ, ଭିକାରୀ ଚରଣ ଚୌଧୁରୀ, ସୁରେନ୍ଦ୍ର ପଟେଲ, ବେଣୁଧର ପଟେଲ, ସୁରେଶ କୁମାର ପଟେଲ ଏବଂ ସମସ୍ତ ମଣ୍ଡଳ ସଭାପତି ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଗାଙ୍ଗପୁର ଆଞ୍ଚଳିକ କମିଟି ଅନ୍ତର୍ଗତ ସମସ୍ତ ଗୁଡି ସଭାପତିମାନେ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ସଂସ୍କୃତି ମୂଲ୍ୟବୋଧ ଓ ମହିଳା ଜାଗରଣ ଶୀର୍ଷକ ଆଲୋଚନାରେ ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଅଘରିଆ ସମାଜର ବହୁ ସଂଖ୍ୟାରେ ସଦସ୍ୟାସଦସ୍ୟ ଅଂଶଗ୍ରହଣ କରିଥିଲେ। ଆଞ୍ଚଳିକ କମିଟି ସମ୍ପାଦକ ସୁରେଶ କୁମାର ପଟେଲ ବିବରଣୀ ପାଠ କରିଥିଲେ। ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲ ଯୋଗଦେଇ ସମାଜର ଉନ୍ନତି ପାଇଁ ନିଷ୍ପାପର ଉଦ୍ୟମ ପାଇଁ ଆହ୍ୱାନ ଦେଇଥିଲେ। ମନୋଜ ଚୌଧୁରୀ, ମହିଳା ନେତ୍ରୀ ସ୍ନେହଲତା ପଟେଲ, ଲିଲି ନାଏକ, ଆରତୀ ପଟେଲ, ସ୍ୱର୍ଣ୍ଣଲତା ନାଏକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅଧିବେଶନ ପୂର୍ବରୁ ସ୍ଥାନୀୟ ଇବ ନଦୀରୁ ମହିଳାମାନେ ଏକ ଶୋଭାଯାତ୍ରାରେ ଜଳ ଆଣିଥିଲେ।

# ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



ବିଜୟୀ ଦଳକୁ ଅତିଥିମାନେ ଟ୍ରଫି ଦେଇ ପୁରସ୍କୃତ କରୁଛନ୍ତି।

ବଲାଙ୍ଗୀର ଅଫିସ, ୨୫।୨

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ବାରପୁଡୁଗିଆ ଗ୍ରାମସ୍ଥିତ ହାୱା ଗାର୍ଡେନ ଖେଳପଡିଆରେ ବଲାଙ୍ଗୀର ନେହେରୁ ଯୁବକେନ୍ଦ୍ର ସହାୟତାରେ ଏବଂ ସିଦ୍ଧାଶ୍ରମ ସେବା ପ୍ରତିଷ୍ଠାନ ଆନୁକୂଲ୍ୟରେ ଚାଲିଥିବା ଜିଲାସ୍ତରୀୟ ଖେଳ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଛି। ମୁଖ୍ୟଅତିଥି ଭାବେ ବଲାଙ୍ଗୀର ନାଗରିକ କମିଟି ସଭାପତି ଇଂ ବେଲାରସିଂ ଭୋଇ, ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡା ଅଧିକାରୀ ପରାଶର ବାଗ, ପୂର୍ବତନ ବ୍ଲକ ଅଧକ୍ଷ ଘାସିରାମ ବେହେରା, ନିଳାଦ୍ରୀ ବିହାରୀ ମିଶ୍ର, ପ୍ରମୋଦ କର୍ମୀ, ନେହେରୁ ଯୁବକେନ୍ଦ୍ର ଯୁବ କୋର୍ଡିନେଟର ନରସିଂହା କୁମାର ଯୋଗ ଦେଇଥିଲେ। ଫୁଟବଲ ଫାଇନାଲ ଖେଳରେ ବାରପୁଡୁଗିଆ ଦଳକୁ ୧–୦ ଗୋଲରେ ହରାଇ ସକମା ଦଳ ବିଜୟୀ ହୋଇଥିଲା। ଲମ୍ବଡିଆଁରେ ଗଗନ ବିଶ୍ୱାଲ, ଉଚ୍ଚ ଡିଆଁରେ ମନୋଜ ନାଗ, ୧୦୦ମିଟର ଦୌଡରେ ଜିତୁ ଭୋଇ, ୨୦୦ ମିଟରରେ ଆଶିଷ ପଟେଲ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ରେଫରି ପୁରୁଷୋତ୍ତମ ବୁଡେ, ପ୍ରଦୀପ, ମୁର୍ମୁ , ପିଙ୍କୁ ନାଗ ଖେଳ ପରିଚାଳନା କରିଥିଲେ। ଅନୁଷ୍ଠାନ ସଭାପତି ଜୟକୃଷ୍ଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ ସଦସ୍ୟ ସଦାନନ୍ଦ ମହଲା, ରଞ୍ଜନ ଭୋଇ, ବିଜୟ ମହଲା, ଲବ ନାଗ, ସରୋଜ ନାଏକ, ସଞ୍ଜୟ ନାଏକ, ଦିଲୀପ, ଆକାଶ, ମିଥୁନ, ରିଙ୍କୁ, ଦେବାଶିଷ, କାଳିଆ, ବିକାଶ ନାଏକ, ଅକ୍ଷୟ, ରଞ୍ଜିତ, ମଦନ ସାହୁ, ପିଣ୍ଟୁ ସହଯୋଗ କରିଥିଲେ। ବିପିନ ବିହାରୀ ଜେନା ଧନ୍ୟବାଦ ଦେଇଥିଲେ।

# ନୂଆଦିଲ୍ଲୀରେ ସାଧାରଣତନ୍ତ୍ର ଦିବସ ପରେଡ଼ରେ ଅଂଶଗ୍ରହଣ କରିଥିବା ଛାତ୍ରଙ୍କୁ ସମ୍ବର୍ଦ୍ଧନା

ଅମରପାଲି,୨୫।୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ୩ ଜଣ ଛାତ୍ର ସାଧାରଣତନ୍ତ୍ରଦିବସ ଅବସରରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ପରେଡରେ ଅଂଶଗ୍ରହଣ କରି ମହାବିଦ୍ୟାଳୟର ଗୌରବ ବଢାଇଛନ୍ତି। ଶନିବାର ମହାବିଦ୍ୟାଳୟ ଏନ.ସି.ସି ତରଫରୁ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ମହାବିଦ୍ୟାଳୟର ଅଧକ୍ଷ ସୁଦାମ ଚରଣ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ପରେଡରେ ଅଂଶଗ୍ରହଣ କରିଥିବା ସି.ପି.ଏଲ ସଚ୍ଚିଦା ନାଗ, ଏଲ.ସି.ପି.ଏଲ ବଳରାମ ବଘାର ଓ ଏଲ.ସି.ପି.ଏଲ ଅର୍ଜୁନ ଜାଳଙ୍କୁ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ଏନ.ସି.ସି କ୍ୟାପଟେନ ସୂର୍ଯ୍ୟ ନାରାୟଣ ପଣ୍ଡା, ଚିନ୍ମୟ ପଣ୍ଡା, ମହାବିଦ୍ୟାଳୟ ଶାରୀରିକ ପ୍ରଶିକ୍ଷକ ନରେନ୍ଦ୍ର ଚାନ୍ଦ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ଏନ୍‌ସିସି କ୍ୟାପଟେନ ଓ କ୍ୟାଡେଟ୍‌ମାନଙ୍କ ପରିଶ୍ରମ ଯୋଗୁ କଲେଜ ଗର୍ବିତ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମକୁ ମନୋଜ ସାହୁ ସଂଯୋଜନା କରିଥିଲେ। ସୁନେଲି କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅଣ୍ଡର ଅଫିସର ଆନନ୍ଦ ପଧାନଙ୍କ ସମେତ ସମସ୍ତ ଏନସିସି କ୍ୟାଡେଟ ଉପସ୍ଥିତ ଥିଲେ।

# ମୁକୁଳା ପଡିଛି ବାଳିକା ଉଚ୍ଚ ବିଦ୍ୟାଳୟ: ଚିନ୍ତାରେ କର୍ତ୍ତୃପକ୍ଷ

**ଆଗକୁ ମାଟ୍ରିକ ବୋର୍ଡ ପରୀକ୍ଷା**

ଲୋଇସିଂହା,୨୫।୨(ଡି.ଏନ.ଏ)

ମାର୍ଚ୍ଚରେ ମାଟ୍ରିକ ବୋର୍ଡ ପରୀକ୍ଷା। ଏଥିପାଇଁ ମାଧମିକ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ହେଲେ ୨୬ ନଂ ଜାତୀୟ ରାଜପଥ ପ୍ରଶସ୍ତିକରଣ ପାଇଁ ବଲାଙ୍ଗୀର ଜିଲା ଲୋଇସିଂହା ବାଳିକା ଉଚ୍ଚ ବିଦ୍ୟାଳୟର ସମ୍ମୁଖ ପାଚେରିକୁ ଭାଙ୍ଗି ଦିଆଯାଇଛି। ଏନଏଚ ଡିଭିଜନ ପାଚେରି ନିର୍ମାଣ ଦାୟିତ୍ୱ ନେଇଥିଲା । ଇତିମଧରେ ୫ ମାସ ବିତି ଯାଇଥିଲେ ମଧ ପାଚେରି ନିର୍ମାଣ ହୋଇପାରିନାହିଁ। ଆଗକୁ ମାଟ୍ରିକ ବୋର୍ଡ ପରୀକ୍ଷା ଆସୁଛି। ଉକ୍ତ ବିଦ୍ୟାଳୟ ବ୍ଲକର ହବ୍ ସେଣ୍ଟର ଏବଂ ପରୀକ୍ଷା କେନ୍ଦ୍ର । ଏଠାରେ ପ୍ରଶ୍ନପତ୍ର ସଂରକ୍ଷିତ ରଖାଯିବ । ସ୍କୁଲ ମୁକୁଳା ପଡିଥିବାରୁ ଚିନ୍ତାରେ ପଡିଯାଇଛନ୍ତି ସ୍କୁଲ କର୍ତ୍ତୃପକ୍ଷ ।

ସୂଚନା ଅନୁଯାୟୀ,୧୯୮୨ ମସିହାରେ ଲୋଇସିଂହା ଚାରିଛକ ନିକଟରେ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା । ବିଦ୍ୟାଳୟ ସମ୍ମୁଖ ଦେଇ ବଲାଙ୍ଗୀର–ବରଗଡ ୨୬ ନଂ ଜାତୀୟ ରାଜପଥ ଯାଇଛି। ଏବେ ଉକ୍ତ ରାଜପଥ ପ୍ରଶସ୍ତୀକରଣ କାମ ଚାଲିଛି। ଏଥିପାଇଁ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ସ୍କୁଲ ପାର୍ଶ୍ୱରେ ଥିବା ଦୋକାନ,ବଜାର ଭଙ୍ଗା ଯାଇଥିଲା। ଏହାବ୍ୟତୀତ ସ୍କୁଲ ପୁରୁଣା ଗେଟ ଓ ପାଚେରିକୁ ଭାଙ୍ଗି ଦିଆଯାଇଥିଲା। ଗତ ୨ ମାସ ତଳେ ଉକ୍ତ ସ୍କୁଲର ୫ଟି ରୂପାନ୍ତରଣ କାମ ପରିଦର୍ଶନ ବେଳେ ଅଧିକାରୀ ସ୍କୁଲ ମୁକୁଳା ଥିବା ନେଇ ଚିନ୍ତାବ୍ୟକ୍ତ କରିଥିଲେ। ଏ ନେଇ ଜିଲାପାଳଙ୍କୁ ଜଣାଯାଇଥିଲା। ସେତେବେଳେ ଏନଏଚର ବିଭାଗୀୟ ଯନ୍ତ୍ରୀ ଏନ୍‌ଏଚ୍ ବିଭାଗ ପକ୍ଷରୁ ଖୁବଶୀଘ୍ର ପାଚେରି ନିର୍ମାଣ କରି ଦିଆଯିବ ବୋଲି ଜିଲାପାଳଙ୍କ ଆଗରେ କହିଥିଲେ । କିନ୍ତୁ ଏ ଦିଗରେ ପଦକ୍ଷେପ ନିଆଯାଇନାହିଁ। ପାଚେରି ନିର୍ମାଣକୁ ଆଉ ଗୋଟିଏ ମାସ ଲାଗିଯିବ ବୋଲି ଏନଏଚ ଯନ୍ତ୍ରୀ ପ୍ରହ୍ଲାଦ ମୁଣ୍ଡା କହୁଥିବା ପ୍ରଧାନ ଶିକ୍ଷକ ସଦାନନ୍ଦ ଭୋଇ କହିଛନ୍ତି। ଅପରପକ୍ଷରେ ପଥଚାରୀମାନେ ସ୍କୁଲ କ୍ୟାମ୍ପସକୁ ଚାଲିଯାଇ ପରିଶ୍ରା କରୁଥିବା ଦେଖିବାକୁ ମିଳୁଛି । ପାଠପଢା ସମୟରେ ଶ୍ରେଣୀ କକ୍ଷରୁ ରାଜପଥ ସିଧାସଳଖ ଦେଖାଯାଉଛି। ଏଥିଯୋଗୁ ଛାତ୍ରୀଙ୍କ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଛି। ମାର୍ଚ୍ଚ ୧୦ ରୁ ୧୬ ଯାଏ ମାଟ୍ରିକ ବୋର୍ଡ ପରୀକ୍ଷା ଅନୁଷ୍ଠିତ ହେବାକୁ ଯାଉଛି। ଲୋଇସିଂହା ବ୍ଲକର ୨୩ ଟି ହାଇସ୍କୁଲର ୧୨ ଶହରୁ ଉର୍ଦ୍ଧ୍ୱ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଆଉ ଅଳ୍ପ ଦିନ ମଧ୍ୟରେ ସମସ୍ତ ହବ୍ ସେଣ୍ଟରକୁ ପ୍ରଶ୍ନପତ୍ର ଯୋଗାଣ କରାଯିବ। ଏହି କ୍ରମରେ ଲୋଇସିଂହା ବାଳିକା ଉଚ୍ଚ ବିଦ୍ୟାଳୟକୁ ପ୍ରଶ୍ନପତ୍ର ଯୋଗାଣ ହେବାର ଅଛି। ଏହାବ୍ୟତୀତ ମାଟ୍ରିକ ପରୀକ୍ଷା କେନ୍ଦ୍ର କରାଯାଇଛି। ଏଠାରେ ବୁର୍ଡା ପଞ୍ଚାୟତ ହାଇସ୍କୁଲର ୬୧ ଜଣ ଛାତ୍ରୀଛାତ୍ର ଏବଂ ଯୋଗୀସର୍ଡା ହରିହର ନୋଡାଲ ହାଇସ୍କୁଲର ୧୦୨ ଜଣ ଛାତ୍ରୀଛାତ୍ରଙ୍କୁ ମିଶାଇ ମୋଟ ୧୬୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ପରୀକ୍ଷା ହଲରୁ ରାଜପଥ ସିଧାସଳକ ଦେଖାଯାଉଥିବାରୁ ପରୀକ୍ଷାର୍ଥୀ ପ୍ରଭାବିତ ହେବା ଆଶଙ୍କା କରାଯାଉଛି। ଯଥାଶୀଘ୍ର ବିହିତ ପ୍ରତିକାର ବ୍ୟବସ୍ଥା କରିବାକୁ ଦାବି ହେଉଛି।

# ଜଙ୍ଗଲ ନାହିଁ ତ ଜୀବନ ନାହିଁ

ଲାଠୋର,୨୫।୨(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ବନାଞ୍ଚଳ ଅଧୀନ ବେନ୍ଦେର ସେକ୍ସନ ବେନ୍ଦେର ଗ୍ରାମର ସାପ୍ତାହିକ ହାଟପଡ଼ିଆରେ ଶନିବାର ରେଞ୍ଜର ପ୍ରଭାତୀ ସେଠ୍‌ଙ୍କ ନେତୃତ୍ୱରେ ନିଆଁଦାଉରୁ ଜଙ୍ଗଲ ସୁରକ୍ଷା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଜୋନ୍ ୩ ଜିଲା ପରିଷଦ ସଦସ୍ୟା ସଂଯୁକ୍ତା ମେହେର ଯୋଗଦେଇ କହିଥିଲେ, ଜଙ୍ଗଲ ନାହିଁ ତ ଜୀବନ ନାହିଁ । ବର୍ତ୍ତମାନର ପରିସ୍ଥିତିରେ ପ୍ରତ୍ୟେକ ନାଗରିକ ଜଙ୍ଗଲ ସୁରକ୍ଷା ଆମର ନୈତିକ କର୍ତ୍ତବ୍ୟ ବୋଲି ମନେ କଲେ ଜଙ୍ଗଲ ସୁରକ୍ଷିତ ରହିବା ସହ ପରିବେଶ ସନ୍ତୁଳିତ ରହିବ ବୋଲି କହିଥିଲେ। ସେହିପରି ଅତିଥି ଭାବେ ତେଜୁରାମ ମାଝି, ସମିତି ସଭ୍ୟ ମଧୁ ପ୍ରଧାନ,ଖପ୍ରାଖୋଲ ଅଗ୍ନିଶମ ଅଧିକାରୀ ଚୁଡ଼ାମଣି ପିଙ୍ଗ, ଅବସରପ୍ରାପ୍ତ ଶିକ୍ଷକ ସଦାନନ୍ଦ ବେହେରା ଏବଂ ସାମାଜିକ କର୍ମୀ ସନ୍ତୋଷିନୀ ମେହେର ଯୋଗ ଦେଇଥିଲେ। ଅତିଥିମାନେ ଜଙ୍ଗଲରେ ନିଆଁ ଲାଗି କ୍ଷତି ହେଲେ ମଣିଷର ଦୈନନ୍ଦିନ ଜୀବନ ଉପରେ କ'ଣ ସବୁ ପ୍ରଭାବ ପଡ଼େ ସେ ଉପରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରିଥିଲେ। ରେଞ୍ଜର ସେଠ କହିଥିଲେ,ସାଧାରଣ ଜନତା ଚାହିଁଲେ ଜଙ୍ଗଲ ନିଶ୍ଚିତ ରୂପେ ସୁରକ୍ଷିତ ରହିବ। ବିଶେଷ କରି ଖରାଦିନରେ ଜଙ୍ଗଲରେ ବିଭିନ୍ନ କାରଣ ଯୋଗୁ ନିଆଁ ଲାଗି ଜଙ୍ଗଲ କ୍ଷତି ହେବାର ଆଶଙ୍କା ରହିଥାଏ । ସେଥିପାଇଁ ଜଙ୍ଗଲ ବିଭାଗ ସଜାଗ ରହିଛି। ଜଙ୍ଗଲରେ ନିଆଁ ଲାଗିଲେ ତାକୁ ପ୍ରଥମେ ଆୟତ୍ତ କରିବାକୁ ଚେଷ୍ଟା କରିବା ସହ ଜଙ୍ଗଲ ବିଭାଗ ସହ ଯୋଗାଯୋଗ କରିବାକୁ ଅନୁରୋଧ କରିଥିଲେ। କୌଣସି ବ୍ୟକ୍ତିବିଶେଷ ଜାଣି ଶୁଣି ଜଙ୍ଗଲରେ ନିଆଁ ଲଗାଇଲେ କ'ଣ ଦଣ୍ଡ ବିଧାନ ରହିଛି ସେନେଇ ରେଞ୍ଜର ଲୋକଙ୍କୁ ସଚେତନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଅବସରରେ ମାକର ବିହା ନାଟକ ମାଧ୍ୟମରେ ମଧ ନିଆଁଦାଉରୁ ଜଙ୍ଗଲ ସୁରକ୍ଷା ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। ଫରେଷ୍ଟର ସାଗରିକା ସେଠ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରିମିତା ମହାଲିଙ୍ଗ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବନ ବିଭାଗ,ପାରା କର୍ମଚାରୀ ଏବଂ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।



ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୬ ଫେବୃୟାରୀ, ୨୦୨୩



# ଜଳ ସଂରକ୍ଷଣକୁ ଗୁରୁତ୍ୱ

ବରଗଡ଼ଅଫିସ୍/ବରପାଲି/ଜାମଟିକ୍ରା,୨୫।୨

ବରଗଡ଼ ନେହେରୁ ଯୁବକେନ୍ଦ୍ର ତରଫରୁ ବରପାଲି ବ୍ଲକ ଅନ୍ତର୍ଗତ ଭଟିଗାଁ ଗ୍ରାମରେ ଜଳ ସଂରକ୍ଷଣ କାର୍ଯ୍ୟକ୍ରମ ତୃତୀୟ ପର୍ଯ୍ୟାୟ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ଭଟିଗାଁ ସରପଞ୍ଚ ହେମାଚଳ ସାହୁ ମୁଖ୍ୟଅତିଥି, ଭଟିଗାଁ ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷ ଶକ୍ଷେନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଜଳ କିଭଳି ସଞ୍ଚୟ କରିହେବ, ସେ ନେଇ ସ୍ୱେଚ୍ଛାସେବୀ ତୁଳସୀରାମ ବରିହା ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଯଶୋବନ୍ତ ପୂଝାରୀ ଶପଥ ପାଠ କରାଇଥିଲେ। ଏହି ଅବସରରେ କ୍ୟାଚ୍ ଦି ରେନ୍ ସଚେତନତା ଶୋଭାଯାତ୍ରା ଭଟିଗାଁ ପରିକ୍ରମା କରିଥିଲା। ନେହେରୁ ଯୁବକେନ୍ଦ୍ରର ଜିଲା ଯୁବ ଅଧିକାରୀ ରୋଶନ ଟଣ୍ଡନ, ଜିଲା କେନ୍ଦ୍ର ଉପଦେଷ୍ଟା ତ୍ରିଲୋଚନ ଶତପଥିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। କ୍ରୀଡ଼ା ଶିକ୍ଷକ କୌସ୍ତୁବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଅତାବିରା ବ୍ଲକ ବାବେବିରା ଗ୍ରାମରେ ଶନିବାର ଜଳ ସଂରକ୍ଷଣର ତୃତୀୟ ପର୍ଯ୍ୟାୟ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୁଲୁଣ୍ଡା ସରପଞ୍ଚ ହେମନ୍ତ ସେଠ ମୁଖ୍ୟ ଅତିଥି, ନିମାଇଁ ଚରଣ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସାମାଜିକ କର୍ମୀ ହେମନ୍ତ ସେଠ ଜଳ କିପରି ସଞ୍ଚୟ କରିବା ସେ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସୁଦର୍ଶନ ସାହୁ ଶପଥ ପାଠ କରାଇଥିବା ବେଳେ ସ୍ଥାନୀୟ ସରପଞ୍ଚ ସବୁଜ ପତାକା ଦେଖାଇ ରାଲିର ଶୁଭାରମ୍ଭ କରିଥିଲେ। ରାଲି ବାବେବିରା ଗ୍ରାମ ପରିକ୍ରମା କରିଥିଲା। ନେହେରୁ ଯୁବକେନ୍ଦ୍ରର ଜିଲା ଯୁବ ଅଧିକାରୀ ରୋଶନ ଟଣ୍ଡନ ଓ ଜିଲା କେନ୍ଦ୍ର ଉପଦେଷ୍ଟା ତ୍ରିଲୋଚନ ଶତପଥୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଲିସା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା ଓ ସାମାଜିକ କର୍ମୀ ବିଦ୍ୟାଧର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।



ଭଟିଗାଁରେ ଜଳ ସଂରକ୍ଷଣ ସଚେତନତା ଶୋଭାଯାତ୍ରା ।

## ସଂକ୍ଷେପରେ

### ସୋନପୁର, ବରଗଡ଼ ମଧ୍ୟରେ ଆଜି ଫାଇନାଲ

**ଧ୍ରୁବରାଜ ଡାଙ୍ଗ ସ୍ମାରକୀ ଫୁଟବଲ**

**ବରଗଡ଼ ଅଫିସ୍,୨୫।୨:** ବରଗଡ଼ ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ ପକ୍ଷରୁ ସ୍ଥାନୀୟ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ଧ୍ରୁବରାଜ ଡାଙ୍ଗ ସ୍ମାରକୀ ଫୁଟବଲ ପ୍ରତିଯୋଗିତାରେ ଶନିବାର ଅନୁଷ୍ଠିତ ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍‌ରେ ସୋନପୁରର ରାମଧୂନ କ୍ଲବ ପ୍ରତିପକ୍ଷ ସୁନ୍ଦରଗଡ଼ର ସାଇନିଂ ଷ୍ଟାରକୁ ୧-୦ ଗୋଲରେ ହରାଇ ଫାଇନାଲକୁ ଉନ୍ନୀତ ହୋଇଛି। ରାମଧୂନ କ୍ଲବର ୧୬ନମ୍ବର ଖେଳାଳି ଦେବରାଜ ସା ଗୋଲ ସ୍କୋର କରିଥିଲେ। ବରଗଡ଼ ଟାଉନ ଥାନାଧିକାରୀ ସତ୍ୟଜିତ କଣ୍ଡନକେଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରାମଧୂନ କ୍ଲବର ଦେବରାଜ ସାଙ୍କୁ ସେମି ଫାଇନାଲର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ରେଫେରୀ ଅଶ୍ୱିନୀ ମେହେର ମ୍ୟାଚ୍ ପରିଚାଳନା କରିଥିଲେ। ଗୋପାଳ ନାୟକ ଓ ନିରଞ୍ଜନ ମହାକୁଡ଼ ଲାଇନରେ ସହଯୋଗ କରିଥିବାବେଳେ ରଞ୍ଜିତ ଛତ୍ରିଆ ଚତୁର୍ଥ ରେଫେରୀ ଥିଲେ। ରବିବାର ସୋନପୁରର ରାମଧୂନ କ୍ଲବ ଏବଂ ବରଗଡ଼ର ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଏହାସହିତ କଲିକତା ମହିଳା ଫୁଟବଲ ଏକାଦଶ ଏବଂ ଓଡ଼ିଶା ମହିଳା ଏକାଦଶ ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

### କଲେଜ ପ୍ରତିଷ୍ଠାତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

ବରଗଡ଼ ଅଫିସ/ସୋହେଲା,୨୫।୨

ବରଗଡ଼ ଜିଲା ମେଲଛାମୁଣ୍ଡା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ନେହେରୁ ପଣ୍ଡାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ଅଧ୍ୟକ୍ଷ ବିନୋଦ ବିହାରୀ ମିଶ୍ର ସଭାପତିତ୍ୱ କରି ସ୍ୱର୍ଗତ ପଣ୍ଡାଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ପଣ୍ଡାଙ୍କ ସ୍ତ୍ରୀ ସବିତା ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ ସହିତ ମାଲ୍ୟାର୍ପଣ କରିଥିଲେ। କିଶୋର ଦେବତା ମୁଖ୍ୟବକ୍ତା, ଦୀପକ କୁମାର ଭୋଇ, ରାକେଶ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କଲେଜକୁ ଜମିଦାନ କରିଥିବା ସ୍ୱର୍ଗତ ଜୟବିହାରୀ ଭୋଇ, ଗଗନ ବିହାରୀ ବାରିକ, ଝଙ୍କମଣି ବେହେରା ଓ ହେମ ନାଏକଙ୍କ ଉଦ୍ଦେଶ୍ୟରେ ସେମାନଙ୍କ ଉତ୍ତରାଧିକାରୀମାନଙ୍କୁ ପ୍ରଶସ୍ତିପତ୍ର ପ୍ରଦାନ କରାଯାଇଥିଲା। ଏହାସହିତ ସ୍ୱର୍ଗତ ପଣ୍ଡାଙ୍କ ପ୍ରଶସ୍ତିପତ୍ର ତାଙ୍କ ସ୍ତ୍ରୀ ସବିତାଙ୍କୁ ଦିଆଯାଇଥିଲା। ସେହିପରି କଲେଜ ପ୍ରତିଷ୍ଠାରେ ସହଯୋଗ କରିଥିବା ବ୍ୟକ୍ତି ଓ ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ଼ଃ ପ୍ରଦୀପ କୁମାର ପ୍ରଧାନ ସଭା ସଂଯୋଜନା କରିଥିଲେ। ଅନୁଷ୍ଠାନର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀ ସହଯୋଗ କରିଥିଲେ। ମହେଶ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।


କଲେଜ ପ୍ରତିଷ୍ଠାତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଉଛି ।

# କ୍ରିକେଟ: କୁଶଭଟା ସେମିରେ


ଅତିଥିଙ୍କ ଗହଣରେ ଖେଳାଳିବୃନ୍ଦ।

ପାଇକମାଳ, ୨୫।୨(ଡି.ଏନ.ଏ.)

ବରଗଡ ଜିଲା ପାଇକମାଳ ବ୍ଲକ ମାଣ୍ଡୋସିଲ ବଡ ଖେଳ ପଡ଼ିଆରେ ଚାଲିଥିବା ୨୩ତମ ରେବେଲ ଇଲେଭେନ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ୪ର୍ଥ ଦିବସରେ ୫ଟି ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍ ଢେଙ୍କିମୁଣ୍ଡା ଓ ପତ୍ରାଗୁଡା ମଧ୍ୟରେ ଅନୁଷ୍ଠିତ ହୋଇ ଢେଙ୍କିମୁଣ୍ଡା ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ କୁଶଭଟା ଓ ମାଳପଡା ମଧ୍ୟରେ ହୋଇ କୁଶଭଟା ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ୍ କୁଶଭଟା ଓ ଢେଙ୍କିମୁଣ୍ଡା ମଧ୍ୟରେ ହୋଇ କୁଶଭଟା ବିଜୟୀ ହୋଇଥିଲା। ଚତୁର୍ଥ ମ୍ୟାଚ୍ ବଡେଶିରା ଓ ଜାମସେଠ ମଧ୍ୟରେ ଅନୁଷ୍ଠିତ ହୋଇ ବଡେଶିରା ବିଜୟୀ ହୋଇଥିଲା । ପଞ୍ଚମ ମ୍ୟାଚ୍ କ୍ୱାର୍ଟର ଫାଇନାଲ ବଡେଶିରା ଓ କୁଶଭଟା ମଧ୍ୟରେ ଅନୁଷ୍ଠିତ ହୋଇ କୁଶଭଟା ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଛି। ରାଧାକାନ୍ତ ରଣା ଓ ସରୋଜ ପ୍ରଧାନ ଖେଳ ପରିଚାଳନା କରିଥିଲେ। ବିଜୟ ବରିହା ସ୍କୋରର ଥିବାବେଳେ ନରେଶ ବିଶ୍ୱାଳ ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ସାମାଜିକ କର୍ମୀ ମହେନ୍ଦ୍ର କୁମାର ଖୁଣ୍ଟିଆ ଯୋଗଦେଇ ବିଜୟୀ ଦଳର ରାଜୁ ପଟେଲଙ୍କୁ ପୁରସ୍କୃତ କରିଥିଲେ। ରବିବାର ଫାଇନାଲ ମ୍ୟାଚ ଖେଳାଯିବ ବୋଲି ଆୟୋଜକ କମିଟି ସଭାପତି ରାଜୀବ ଲୋଚନ ସାହୁ ସୂଚନା ଦେଇଛନ୍ତି।

### ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱାରୋପ

ପଦ୍ମପୁର,୨୫।୨(ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟର ବାର୍ଷିକୋତ୍ସବ ପରିଚାଳନା କମିଟି ସଭାପତି ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼ଃ ଲଳିତେନ୍ଦୁ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ପୂର୍ବତନ ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ନିଜ ଭବିଷ୍ୟତ ଗଠନ ଦିଗରେ ଉତ୍ସାହିତ କରିଥଲେ। ବରଗଡ ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ଛାତ୍ରାଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଗଜରାଜ ପାତ୍ର ବାର୍ଷିକ ବିବରଣୀ ପାଠ ଓ ପ୍ରାଧ୍ୟାପକ ସରୋଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅଧ୍ୟାପକ ପ୍ରମୋଦ ତ୍ରିପାଠୀ, ତାରା ଶତପଥୀ, ପ୍ରଭାତ ମହାପାତ୍ର, ବିରଞ୍ଚି ସାହୁ, ତୁଷାରକାନ୍ତ ସାହୁ, ଝୁନୁ ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ।

# ଛାତ୍ରୀଙ୍କୁ ପିଟିଲେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ପୁଅ

ବରଗଡ଼ ଅଫିସ୍,୨୫।୨

ବିଦ୍ୟାଳୟ ପରିସରକୁ ରାଜ୍ୟ ସରକାର ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା କରିଛନ୍ତି। ହେଲେ ବରଗଡ଼ ସହର ଖଜୁରଟିକ୍ରା ନିକଟ ରାଧାମାଧବ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ନଳିନୀ ରଥଙ୍କ ପୁଅ ପଞ୍ଚମ ଶ୍ରେଣୀ ଛାତ୍ରୀ କବିତା ଚନ୍ଦ୍ରାଙ୍କୁ ନିସ୍ତୁକ ମାଡ଼ ମାରିଥିବା ପୋଲିସରେ ଅଭିଯୋଗ ହୋଇଛି। ଘଟଣାଟି ଶୁକ୍ରବାର ଘଟିଥିବାବେଳେ ଶନିବାର ଆହତ ଛାତ୍ରୀଙ୍କ ବାପା ଜୀବର୍ଦ୍ଧନ ଚନ୍ଦ୍ରା ବରଗଡ଼ ଟାଉନ ଥାନାରେ ଏତଲା ଦେବା ପରେ ଘଟଣାଟି ସାମ୍ନାକୁ ଆସିଛି। ପ୍ରକାଶ ଯେ, ବରଗଡ଼ ପୌର ପରିଷଦ ୱାର୍ଡ ନଂ-୭ର ନଳିଆଖଣ୍ଡି ନିବାସୀ ଜୀବର୍ଦ୍ଧନଙ୍କ ଝିଅ କବିତା ରାଧାମାଧବ ପ୍ରାଥମିକ ସ୍କୁଲର ପଞ୍ଚମ ଶ୍ରେଣୀରେ ପଢୁଛନ୍ତି। ଶୁକ୍ରବାର ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ରଥଙ୍କ ପୁଅ ସ୍କୁଲକୁ ଆସିଥିଲେ ଏବଂ ତାଙ୍କୁ ନିସ୍ତୁକ ମାଡ଼ ମାରିଛନ୍ତି ବୋଲି କବିତା କହିଛନ୍ତି । ଏ ନେଇ କବିତାଙ୍କ ବାପା ପୋଲିସରେ ଅଭିଯୋଗ କରିବା ସହ ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ନିବେଦନ କରିଛନ୍ତି। ଅନ୍ୟପଟେ ପ୍ରଧାନ ଶିକ୍ଷୟିତ୍ରୀ ରଥ ତାଙ୍କ ପୁଅ ସ୍କୁଲକୁ ଆସିଥିବା ଘଟଣାକୁ ସ୍ୱୀକାର କରିଥିବାବେଳେ ମାଡ଼ ଘଟଣା ଉପରେ କିଛି ଜାଣି ନ ଥିବା କହିଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ରଥ କହିଛନ୍ତି, କମ୍ପ୍ୟୁଟର କାମରେ ସହଯୋଗ କରିବାକୁ ସେ ପୁଅକୁ ସ୍କୁଲକୁ ଡାକିଥିଲେ । ପୁଅ ସେହି କାମ କରୁଥିବାବେଳେ ସେ ଅନ୍ୟ ଏକ ଶ୍ରେଣୀରେ ପାଠ ପଢ଼ାଉଥିଲେ। ମାତ୍ର ମାଡ଼ ଘଟଣା ଉପରେ କିଛି ଜାଣି ନ ଥିବା ରଥ କହିଛନ୍ତି।

# ୧୩୫ ଜଣଙ୍କ ରକ୍ତ ନମୁନା ପରୀକ୍ଷା


ଶିବିରକୁ ମୁଖ୍ୟଅତିଥି ଉଦଘାଟନ କରୁଛନ୍ତି ।

ବରଗଡ଼ ଅଫିସ୍,୨୫।୨

ବରଗଡ଼ର ରାଜ ପୋଲି କ୍ଲିନିକ ଆଣ୍ଡ୍ ଡାଇଗ୍ନୋଷ୍ଟିକ ସେଣ୍ଟର ପକ୍ଷରୁ ଭଟଲି ଛକରେ ଏକ ରକ୍ତ ନମୁନା ସଂଗ୍ରହ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଡା. ବିନୋଦ ବିହାରୀ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ରାଜ ପୋଲି କ୍ଲିନିକ ଆଣ୍ଡ୍ ଡାଇଗ୍ନୋଷ୍ଟିକ ସେଣ୍ଟର ପକ୍ଷରୁ ମାଗଣା କିଡ୍‌ନୀ ଏବଂ ମଧୁମେହ ରୋଗ ପରୀକ୍ଷା ଶିବିର ହୋଇଥିଲା। ଶିବିରକୁ ଡା. ପ୍ୟାରୀଲାଲ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଶିବିରରେ ୧୩୫ଜଣଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିଲା। ରାଜ ପୋଲି କ୍ଲିନିକ ଆଣ୍ଡ୍ ଡାଇଗ୍ନୋଷ୍ଟିକ ସେଣ୍ଟରର ମୁଖ୍ୟ ରାଜକିଶୋର ପାଣିଗ୍ରାହୀଙ୍କ ସମେତ ସରୋଜ କୁମାର ପାତ୍ର, ସ୍ୱପ୍ନା ବନଛୋର, ରବିର ନନ୍ଦ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ


ବାର୍ଷିକୋତ୍ସବ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଗଣ।

ପଦ୍ମପୁର,୨୫।୨(ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ମହିଳା ଉଚ୍ଚମହାବିଦ୍ୟାଳୟର ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଅନୁଷ୍ଠାନର ଅଧ୍ୟକ୍ଷା ପଦ୍ମିନୀ ଦାଶ ସଭାପତିତ୍ୱ କରିଥିଲେ। ପଦ୍ମପୁର ଭାରପ୍ରାପ୍ତ ଉପଜିଲାପାଳ ସଦାକର କୁମ୍ଭାର ମୁଖ୍ୟ ଅତିଥି, ଅଧ୍ୟାପକ ଦୁର୍ଗାଶିଷ ପଟ୍ଟନାୟକ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ନାରୀ ସଶକ୍ତୀକରଣ ଓ ବାମବାଦୀ ଚେତନା ଉପରେ ସଚେତନମୂଳକ ବାର୍ତ୍ତା ପ୍ରଦାନ କରିଥିଲେ। ଓଡ଼ିଆ ବିଭାଗର ଅଧ୍ୟାପିକା ଅମିତା ପତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସାଂସ୍କୃତିକ ସଂସଦ ଉପସଭାପତି ଅଧ୍ୟାପକ ବିଷ୍ଣୁ ପ୍ରସାଦ ଷଡ଼ଙ୍ଗୀ ବାର୍ଷିକ ବିବରଣୀ ପାଠ, ଦିବ୍ୟ କିଶୋର ପଣ୍ଡା ମଞ୍ଚ ପରିଚାଳନା ଓ କୃଷ୍ଣଚନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀମାନଙ୍କ ଦ୍ୱାରା ନାଟକ ‘ପେଟେଣ୍ଟ ମେଡ଼ିସିନ’ ଓ ବିଭିନ୍ନ ନାଚଗୀତ, ଅନ୍ତାକ୍ଷରୀ ପରିବେଷଣ କରାଯାଇଥିଲା। ଦିଲୀପ ବେହେରା ଓ ଗୋବିନ୍ଦ ଚନ୍ଦ୍ର ପଣ୍ଡା ସହଯୋଗ କରିଥିଲେ।

# ପଞ୍ଚାୟତ ୱାର୍ଡ ସଭ୍ୟାସଭ୍ୟଙ୍କୁ ପ୍ରଶିକ୍ଷଣ

ବରଗଡ଼ ଅଫିସ୍/ସୋହେଲା,୨୫।୨

ବରଗଡ଼ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ୱାର୍ଡସଭ୍ୟାସଭ୍ୟଙ୍କ ୩ଦିନିଆ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଛି। ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସହାୟତାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମହାଶକ୍ତି ଫାଉଣ୍ଡେଶନ ତରଫରୁ ଏହା ହୋଇଥିଲା। ସୋହେଲା ବ୍ଲକ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ (ଜିପିଇଓ) ଏମ୍‌ଡ଼ି ଆକବର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମହାଶକ୍ତି ଫାଉଣ୍ଡେଶନର ରୋଜାଲିନ ଭୂୟାଁ ସହଯୋଗ କରିଥିଲେ। ପଞ୍ଚାୟତିରାଜ ଅନୁଷ୍ଠାନର ତାଲିମଦାତା ଭୁବନେଶ୍ୱର ଦେବତା, ସରିକା ରାଉତ ଯୋଗଦେଇ ୱାର୍ଡସଭ୍ୟାସଭ୍ୟଙ୍କ ଭୂମିକା, ଦାୟିତ୍ୱ ଏବଂ ଗ୍ରାମପଞ୍ଚାୟତର ନିଜସ୍ୱ ସମ୍ବଳ ବୃଦ୍ଧି, ଇ-ପ୍ରଶାସନ ବ୍ୟବସ୍ଥା, ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମରେ ଗ୍ରାମପଞ୍ଚାୟତର ଭୂମିକା ଆଦି ଉପରେ ତାଲିମ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରେଙ୍ଗାଲି ଏବଂ ଡୁମେରପାଲି ପଞ୍ଚାୟତର ବିଭିନ୍ନ ୱାର୍ଡର ସଭ୍ୟାସଭ୍ୟମାନେ ଯୋଗଦାନ କରିଥିଲେ। ଏହି ଅବସରରେ ସମସ୍ତ ୱାର୍ଡ ସଭ୍ୟାସଭ୍ୟଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ସୁବୋଧ ସାହୁ, ମାସାଲୁ ସେଠ, ଚୁମିଲାଲ ଦ୍ୱାରି, ଅଭିଷେକ ସେଠ, ସସ୍ମିତା ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ଗୌର ରଣା ଧନ୍ୟବାଦ ଅର୍ପଣ କରିଥିଲେ।



ସୋହେଲା ବ୍ଲକରେ ଅନୁଷ୍ଠିତ ୱାର୍ଡ ସଭ୍ୟାସଭ୍ୟଙ୍କ ପ୍ରଶିକ୍ଷଣ ଶିବିର।

### ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମ

ଭେଡେନ (ଡି.ଏନ.ଏ.)

ଭେଡ଼େନ ବ୍ଲକ ଅନ୍ତର୍ଗତ ଖୁଣ୍ଟେଲିପାଲି ସ୍ଥିତ ଶିଶୁ ବିଦ୍ୟାମନ୍ଦିରରେ ଶନିବାର ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆର୍ଚାଯ୍ୟ ଶଙ୍କର୍ଷଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସୁଶ୍ରୀ ଶାନ୍ତ୍ୱନା ପୁରୋହିତ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ନିରଞ୍ଜନ ପରଡ଼ିଆ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିଶୁବାଟିକା ବିଭାଗର କୁନି କୁନି ଭଉଣୀଭାଇ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ବାଟିକା ପ୍ରମୁଖ ପଦ୍ମିନୀ ଭୁଏ ଉଦ୍ଦେଶ୍ୟ ଜ୍ଞାପନ ଓ ସୋପାନ ଗୀତ ପରିବେଷଣ କରିଥିଲେ। ଶେଷରେ ସୁଜିତ ଆର୍ଚାଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁବାଟିକା ବିଭାଗର ଗୁରୁଜୀ ଯୋଗେଶ ଚନ୍ଦ୍ର ପାଢୀ, ତରଙ୍ଗିନୀ ସାହୁ, ସେବତୀ ଭୁଏ, ମଧୁସ୍ମିତା ଆର୍ଚାଯ୍ୟ, ସୁବ୍ରତ ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜଗବନ୍ଧୁ ଦାଶ ମହିଳା କଲେଜର ବାର୍ଷିକୋତ୍ସବ

ବରପାଲି,୨୫।୨(ଡି.ଏନ.ଏ.)

ଜଗବନ୍ଧୁ ଦାଶ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ୩୩ତମ ବାର୍ଷିକୋତ୍ସବ ଅଧ୍ୟକ୍ଷ ପ୍ରଦୀପ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଇତିହାସ ବିଭାଗ ଅଧ୍ୟାପକ ସୁନିଲ କୁମାର ବେହେରାଙ୍କ ପରିଚାଳନା ଅନୁଷ୍ଠିତ ସଭାରେ ବରପାଲି ଆଡିଶନାଲ ତହସିଲଦାର ଅର୍ଜୁନ ମାଝୀ ମୁଖ୍ୟ ଅତିଥି, ସତଲମା କଲେଜର ଓଡ଼ିଆ ଅଧ୍ୟାପକ ଲୋକବନ୍ଧୁ ପ୍ରଧାନ ମୁଖ୍ୟ ବକ୍ତା ଯୋଗଦେଇ ନାରୀ ଜାଗରଣ ଉପରେ ଆଲୋଚନା କରିଥିଲେ। ଇଂରାଜୀ ଅଧ୍ୟାପକ ସୁଧାଂଶୁ କୁମାର ଦାସ, କ୍ରୀଡ଼ା ଶିକ୍ଷୟିତ୍ରୀ ବନ୍ଦିତା ପ୍ରଧାନ, ଅନ୍ତର୍ଯାମୀ ପଣ୍ଡା ଏବଂ ଶିକ୍ଷକ ସରୋଜ କୁମାର ଦାସଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। କଲେଜ ଅଧ୍ୟକ୍ଷ ବାର୍ଷିକ ବିବରଣୀ ପଠନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ମହାବିଦ୍ୟାଳୟର ଛାତ୍ରୀଙ୍କୁ ନେଇ ‘ସୀତା ଠାବ’ ନାଟକ ଓ ନୃତ୍ୟ ପରିବେଷଣ ହୋଇଥିଲା। ମିନତି ବାବୁ, ନିବେଦିତା ମେହେର, ରବିନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ।



ବାର୍ଷିକାତ୍ସବରେ ମଞ୍ଚାସୀନ ଅତିଥିମାନେ।

# ଜଳନ୍ଧର ମହାରାଜଙ୍କ କୈଳାସପୁରୀ ଆକ୍ରମଣ

ବରଗଡ଼ ଅଫିସ୍,୨୫।୨

ବରଗଡ଼ ବ୍ଲକ ଖଲିଆପାଲି ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଅବସରରେ ଅନୁଷ୍ଠିତ ଜଳନ୍ଧର ଦରବାରର ଷଷ୍ଠ ରଜନୀରେ ମହାରାଜ ଜଳନ୍ଧରଙ୍କ ନଗର ଭ୍ରମଣ ସହିତ ପାର୍ବତୀଙ୍କ ପତି ମହାଦେବଙ୍କୁ ଅନ୍ୱେଷଣ ଏବଂ କୈଳାସପୁରୀ ଆକ୍ରମଣ ଦୃଶ୍ୟ ଅଭିନୀତ ହୋଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବରଗଡ଼ ଉପଜିଲାପାଳ ଲଲାଟ କୁମାର ଲୁହା ମୁଖ୍ୟ ରାଜଅତିଥି ଭାବେ ଯୋଗଦାନ କରିଥିଲେ। ବରଗଡ଼ ସିମେଣ୍ଟ କାରଖାନାର ଡାଇରେକ୍ଟର ଅଙ୍କୁର ଅଗ୍ରୱାଲ, କ୍ଲଷ୍ଟର ହେଡ୍ ଦିନେଶ ପାଠକ, ଓଡ଼ିଶା ଏଣ୍ଟରପ୍ରାଇଜେସ୍‌ର ମୁଖ୍ୟ ଚନ୍ଦ୍ରଶେଖର ବାଗ, ଜିଲା ସଂସ୍କୃତି ଅଧିକାରୀ ସନ୍ତ୍ରାସ ନାରାୟଣ ପଣ୍ଡା, ଖବରଦାତା ଅଞ୍ଜନ ପ୍ରଧାନ, ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପର ମ୍ୟାନେଜର ଶ୍ରୀକାନ୍ତ ନାଏକ, ନୃତ୍ୟଗୁରୁ ଶଙ୍କର ପଟ୍ଟନାୟକ, ସଂକୀର୍ତ୍ତନ ଗୁରୁ ପ୍ରମୋଦ ଦାଶ, ନାଟ୍ୟଗୁରୁ ଆଖଣ୍ଡଳ ସାହୁ, କଣ୍ଠଶିଳ୍ପୀ ରମା ହରିପାଲ, ପ୍ରଧାନଶିକ୍ଷକ କୀର୍ତ୍ତିଚନ୍ଦ୍ର ନାଏକ, ସାମାଜିକ କର୍ମୀ ରାସବିହାରୀ ସାହୁ, ଅଶ୍ୱିନୀ ସାହୁ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସେବାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସଂକଳ୍ପ ଏବଂ ନିଷ୍ଠା ପରିବାରକୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆୟୋଜକ କମିଟି ସଭାପତି ଚୈତନ୍ୟ ପାଇକ ଧନ୍ୟବାଦ ଅର୍ପଣ କରିଥିଲେ।


ଜଳନ୍ଧର ଦରବାରରେ ମଞ୍ଚାସୀନ ଅତିଥିବୃନ୍ଦ ।

### ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ

ଜାମଟିକ୍ରା, ୨୫।୨(ଡି.ଏନ.ଏ.)

ଅତାବିରା ବ୍ଲକ ଝିଲିମିଣ୍ଡା ଶିଶୁ ମନ୍ଦିରରେ ଘର ହିଁବିଦ୍ୟାଳୟ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍କୁଲର ପୂର୍ବତନ କୋଷାଧ୍ୟକ୍ଷ ଗଜପତି ମେହେର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରକଳ୍ପ ଉପରେ ମାର୍ଗଦର୍ଶନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ମୁକୁନ୍ଦ ମହାରଣା ଅତିଥି ପରିଚୟ ସହ ଶିଶୁଙ୍କ ଶାରୀରିକ ଓ ମାନସିକ ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେ। ଗୁରୁମା ସୁଶ୍ରୀ ଜନନୀ ଭୋଇଙ୍କ ପରିଚାଳନା କ୍ରମେ ଶିଶୁ ବାଟିକା ପ୍ରମୁଖ ସୁଶ୍ରୀ କୁନ୍ତୀ ପ୍ରଧାନ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସମାଜସେବୀ ପୂର୍ଣ୍ଣଚନ୍ଦ୍ର ତରିଆ ଧନ୍ୟବାଦ ଅର୍ପଣ କରିଥିଲେ। ଚର୍ଚ୍ଚା କାଳାଂଶରେ ମୁକୁନ୍ଦ ମହାରଣା, ସୁଶ୍ରୀକୁନ୍ତୀ ପ୍ରଧାନ, ଉପସଭାପତି ବୃନ୍ଦାବନ ସାହୁ, ପୂର୍ବତନ ସମ୍ପାଦକ ରୋହିତ ମହାପାତ୍ର, ପୂର୍ବତନ ସଭାପତି ଅସିତ ମହାପାତ୍ର ଯୋଗ ଦେଇଥିଲେ।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ପାନ ଦିବସ କାର୍ଯ୍ୟକ୍ରମ, ଜିଲା ସାମ୍ବାଦିକ ସଂଘ ଭବନ, ପୂର୍ବାହ୍ନ ୧୦ଟା ।
- ସ୍ପିକ ମେକେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ, ତପସ୍ୱିନୀ ପ୍ରେକ୍ଷାଳୟ, ସନ୍ଧ୍ୟା ୬ଟା ।
- ପୁଷ୍ପ ପ୍ରଦର୍ଶନୀ, ରେଳ ନଗରସ୍ଥିତ ଅଧିକାରୀ କ୍ଲବ ଲେନ, ପୂର୍ବାହ୍ନ ୧୦ଟା ।

## ସଂକ୍ଷେପରେ

### ଯୁବକଙ୍କ ମାଡ଼ରେ ଅନ୍ୟଜଣେ ଯୁବକଙ୍କ ମୃତ୍ୟୁ

**ନାକଟିଦେଉଳ,୨୫।୨(ଡ଼ି.ଏନ.ଏ.):** ନାକଟିଦେଉଳ ବ୍ଲକ କିସିଣ୍ଡା ଥାନା ଅନ୍ତର୍ଗତ ଧଳତଇଲା ଗ୍ରାମରେ ଜଣେ ଯୁବକଙ୍କ ମାଡ଼ରେ ଅନ୍ୟ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ଅରକ୍ଷିତ ମହାକୁଡ଼ (୩୫)। ସୂଚନା ଅନୁସାରେ ଧଳତଇଲା ଗ୍ରାମର ବୀରେନ ପ୍ରଧାନ(୪୦) ଓ ଅରକ୍ଷିତ ମହାକୁଡ଼ଙ୍କ ମଧ୍ୟରେ ଶୁକ୍ରବାର ପୂର୍ବ ଶତ୍ରୁତାକୁ ନେଇ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ବୀରେନ ଅରକ୍ଷିତଙ୍କୁ ମାଡ଼ ମାରିବା ସହ ଧକ୍କା ମାରି ତଳେ ପକାଇ ଦେଇଥିଲେ। ଗାଁ ଦାଣ୍ଡ ରାସ୍ତାରେ ଥିବା ଏକ ପଥରରେ ଅରକ୍ଷିତଙ୍କ ମୁଣ୍ଡ ବାଡ଼େଇ ହୋଇଯିବାରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ପରିବାର ଲୋକେ ପହଞ୍ଚି ତାଙ୍କୁ ଚିକିତ୍ସା ପାଇଁ ନାକଟିଦେଉଳ ଡ଼ାକ୍ତରଖାନା ଆଣିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଆମ୍ବୁଲାନ୍ସରେ ନେବା ବେଳେ ବାଟରେ ଅରକ୍ଷିତଙ୍କ ମୃତ୍ୟୁ ଘଟିଥିଲା। ଶନିବାର ତାଙ୍କ ପରିବାର ପକ୍ଷରୁ ଅଭିଯୋଗ ପାଇ କିସିଣ୍ଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ବୁର୍ଲାଠାରେ ମୃତଦେହ ବ୍ୟବଚ୍ଛେଦ କରାଇଛି। କିସିଣ୍ଡା ଥାନାରେ ଏ ନେଇ କେସ୍ ନଂ.୧୭/୨୩ରେ ଏକ ହତ୍ୟା ମାମଲା ରୁଜୁ କରାଯାଇଥିବା ବେଳେ ଅଭିଯୁକ୍ତ ବୀରେନ ଫେରାର ଥିବା ଥାନା ଅଧିକାରୀ ଲୋକନାଥ ସାହୁ ସୂଚନା ଦେଇଛନ୍ତି।

### ବଡ଼ଚହଟାପଦାରେ ଅଷ୍ଟପ୍ରହର ନାମଯଜ୍ଞ

**ନାକଟିଦେଉଳ,୨୫।୧(ଡ଼ି.ଏନ.ଏ.):** ନାକଟିଦେଉଳ ବ୍ଲକ ଶିମିଳିପାଳ ପଞ୍ଚାୟତର ବଡ଼ଚହଟାପଦାରେ ଗତ ୨୩ତାରିଖଠାରୁ ତିନିଦିନ ଧରି ୧୫ତମ ବିଶ୍ୱଶାନ୍ତି ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଚରଡ଼ପଶି, କାଉଁଶୀପାଳ, ଶିମିଳିପାଳ, ଶରଧାପୁର, କାଦୋବାହାଲ, ଲୁସୁରା, ଶିହଳିଆ ଆଦି ଗ୍ରାମବାସୀଙ୍କ ସହଯୋଗରେ ଏହା ଆୟୋଜିତ ହୋଇଥିଲା। ନାମଯଜ୍ଞରେ ଚରଡ଼ପଶି ଗ୍ରାମର ବିଜୟ କୁମାର ସାହୁ ସପତ୍ନୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଗତ ୨୩ତାରିଖ ଅଧିବାସରେ କଳସ ଶୋଭାଯାତ୍ରା ହୋଇଥିଲା। ଏଥିରେ ୧୬ଟି ସଂକୀର୍ତ୍ତନ ଦଳ ଯୋଗଦେଇ ନାମ ପରିବେଷଣ କରିଥିଲେ। ଶନିବାର ଯଜ୍ଞ କମିଟି ସଭାପତି ବାସୁଦେବ ସ୍ୱାଇଁଙ୍କ ଦ୍ୱାରା ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ବିଶ୍ୱାମିତ୍ର ପ୍ରଧାନ, ବିଶ୍ୱାମିତ୍ର ମାଝି, ପୁରୁଷୋତ୍ତମ ସାହୁ, ନୃସିଂହ ସାହୁ, ଶଙ୍କର୍ଷଣ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ଗଞ୍ଜେଇ ଚାଲାଣ ମାମଲାରେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ବୌଦ୍ଧ,୨୫।୨(ସ୍ୱ.ପ୍ର.):** ବୌଦ୍ଧ ଜିଲା ଅତିରିକ୍ତ ଦୌରାଜଜ୍ ଅଲ୍ପନା ସ୍ୱାଇଁ ଗଞ୍ଜେଇ ଚାଲାଣ ମାମଲାର ବିଚାର କରି ତାଙ୍କ ରାୟରେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିବାକୁ ଆଦେଶ ପ୍ରଦାନ କରିଛନ୍ତି। ସୂଚନା ମୁତାବକ ଗତ ୨୦୧୬ ଡିସେମ୍ବର ୧୫ ତାରିଖ କନ୍ଧମାଳ ଜିଲାର ଗଣେଶ ସାହୁ ଏକ ଇଣ୍ଡିଗୋ ଗାଡି ଓଆର ୦୭ପି ୮୦୦୫ ଯୋଗେ ଫୁଲବାଣୀରୁ ଗଞ୍ଜେଇ ନେଇ ବରଗଡ଼ ଜିଲାକୁ ବିକ୍ରୟ କରିବାକୁ ଯାଉଥିଲେ। ବିଶ୍ୱସ୍ତ ସୂତ୍ରରୁ ସୂଚନାପାଇ ବୌଦ୍ଧ ପୋଲିସ ମହାନଦୀ ବ୍ରିଜଛକ ନିକଟରେ ଗାଡିକୁ ଅଟକାଇଥିଲା। ପୋଲିସକୁ ଦେଖି ଗାଡିର ଡ୍ରାଇଭର ଓହ୍ଲାଇ ଦୌଡି ପଳାଇଥିବାବେଳେ ଗାଡି ଭିତରୁ ୪୦କିଲୋ ଗଞ୍ଜେଇ ଜବତ କରିବା ସହିତ ମାମଲାରେ ଗଣେଷ ସାହୁଙ୍କୁ ଗିରଫ କରି ଥାନାକୁ ଆଣି ପଚରାଉଚୁରା କରିଥିଲା। ବରଗଡ଼ ଜିଲାର ମନୋଜ ବଢେଇଙ୍କୁ ବିକ୍ରୟ କରିବା ପାଇଁ ଉକ୍ତ ଗଞ୍ଜେଇ ନେଉଥିବା ଗଣେଷ ବୟାନ ଦେବା ପରେ ପୋଲିସ ମନୋଜ ବଢେଇଙ୍କ ନାମରେ ମଧ୍ୟ ମାମଲା ରୁଜୁ କରି ଗିରଫ କରିବା ସହିତ ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ ମନୋଜ ଜାମିନରେ ଥିବାବେଳେ ଅଭିଯୁକ୍ତ ଗଣେଷଙ୍କ ନାମରେ ମାମଲା ଅତିରିକ୍ତ ଜିଲା ଦୌରାଜଜଙ୍କ ଅଦାଲତରେ ସ୍ପେଶାଲ କେସ ନମ୍ବର ୪୫/୨୦୧୬ ହୋଇ ବିଚାରାଧିନ ରହିଥିଲା।

# ସମ୍ବଲପୁରରେ ବିସିଆଇର ୩ଜଣିଆ ଟିମ୍

**ସମ୍ବଲପୁର,୨୫।୨(ବ୍ୟୁରୋ)**


ସମ୍ବଲପୁରରେ ବାର୍ କାଉନସିଲର ସଦସ୍ୟମାନେ ।

**ହାଇକୋର୍ଟ ବେଞ୍ଚ ଦାବିରେ ଆନ୍ଦୋଳନ ନେଇ ଓକିଲଙ୍କ ଲାଇସେନ୍ସ ନିଲମ୍ବନ ଘଟଣା**

- ବିଚାରପତି, ପୋଲିସ ଆଇଜି, ବାର୍ ସଦସ୍ୟଙ୍କୁ ଭେଟିଲେ ଟିମ୍ ସଭ୍ୟ
- ସୁପ୍ରିମ୍‌କୋର୍ଟରେ ଦାଖଲ କରିବେ ରିପୋର୍ଟ

ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶକୁ ଅବମାନନା କରି ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ସମ୍ବଲପୁରଠାରେ ଜିଲା ଓକିଲ ସଂଘ ଆନ୍ଦୋଳନରେ ସାମିଲ ହୋଇଥିଲା। ଏହି ଘଟଣାରେ ସୁପ୍ରିମ୍‌କୋର୍ଟ କ୍ଷୋଭ ପ୍ରକାଶ କରି ୫୪ ଜଣ ଓକିଲଙ୍କ ଲାଇସେନ୍ସ ୧୮ ମାସ ପର୍ଯ୍ୟନ୍ତ ନିଲମ୍ବନ କରିଥିଲେ। ଏହା ସହ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଅନ୍ୟ ସମସ୍ତ ଓକିଲଙ୍କ ନିଲମ୍ବନ ବଳବତ୍ତର ରହିବ ବୋଲି ରୋକଠୋକ ଶୁଣାଇଥିଲେ। ଘଟଣାର ସତ୍ୟାସତ୍ୟ ଯାଞ୍ଚ କରିବା ପାଇଁ ବିସିଆଇ (ବାର୍ କାଉନ୍‌ସିଲ ଅଫ ଇଣ୍ଡିଆ)ର ୩ଜଣିଆ କମିଟିକୁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ବିସିଆଇର ୩ଜଣିଆ ଟିମ୍ ଶନିବାର ସମ୍ବଲପୁରରେ ପହଞ୍ଚିଥିଲା। ଏମାନଙ୍କ ମଧ୍ୟରେ ଡ଼ି.ପି. ଧଳ, ମାନସ ମହାପାତ୍ର, ଯଶୋବନ୍ତ ଦାସ ରହିଛନ୍ତି। ଏହି ଟିମ୍ ଉତ୍ତରାଞ୍ଚଳ ପୋଲିସ ଆଇଜି ଡ. ଦୀପକ କୁମାର, ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧର, ସମ୍ବଲପୁର ଜିଲା ଜଜ୍‌ଙ୍କ ସହ ଅନ୍ୟ ବିଚାରପତି ଓ ଜିଲା ଓକିଲ ସଂଘକୁ ପୃଥକ୍ ଭାବେ ଭେଟିଥିଲା। ଆନ୍ଦୋଳନ ସମୟରେ କେଉଁମାନେ ଉପସ୍ଥିତ ରହିଥିଲେ, ଘଟଣା ପଛରେ କେଉଁମାନଙ୍କ ସମ୍ପୃକ୍ତି ରହିଛି, କାହିଁକି ଏଭଳି ଅଭାବନୀୟ ଘଟଣା ଘଟିଥିଲା ତାହାକୁ ନେଇ କମିଟି ସଦସ୍ୟ ତଦନ୍ତ କରିଛନ୍ତି। ଏହାର ରିପୋର୍ଟ ସେମାନେ ସୁପ୍ରିମ୍‌କୋର୍ଟରେ ଦାଖଲ କରିବେ।

ସୂଚନାଯୋଗ୍ୟ, ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ସମ୍ବଲପୁର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କରାଯାଇଥିବା ଆନ୍ଦୋଳନରେ ଜିଲା ଓକିଲ ସଂଘ ସାମିଲ ହୋଇଥିଲା। ୨୦୨୨ ନଭେମ୍ବର ୨୯ରେ ଏହି ଆନ୍ଦୋଳନ ଉଗ୍ରରୂପ ନେଇଥିଲା। ଆନ୍ଦୋଳନକାରୀ କୋର୍ଟ କାର୍ଯ୍ୟ ବନ୍ଦ କରିବା ସହ ବିଚାରପତିଙ୍କୁ ଫେରାଇ ଦେଇଥିଲେ। ଏପରି କି ପୋଲିସ ସହ ଧସ୍ତାଧସ୍ତି ହୋଇଥିଲେ। ପରେ ଡିସେମ୍ବର ୧୨ରେ କଚେରି ଛକରେ ବିଭିନ୍ନ ସାମାଜିକ ସଂଗଠନ ସହ ଓକିଲମାନେ ଆନ୍ଦୋଳନ କରିଥିଲେ। ବିଚାରପତିମାନେ କୋର୍ଟ କାର୍ଯ୍ୟରେ ଯୋଗଦେଇଥିବା ଜାଣି ଆନ୍ଦୋଳନକାରୀ କୋର୍ଟ ପରିସରରେ ଧସେଇ ପଶି ଭଙ୍ଗାରୁଜା କରିଥିଲେ। ଏହାସହ ବିଚାରପତିମାନଙ୍କୁ କୋର୍ଟ ପରିସରରୁ ବାହାର କରିଦେଇଥିଲେ। ଏହି ଘଟଣାରେ ସୁପ୍ରିମ୍‌କୋର୍ଟ କ୍ଷୋଭ ପ୍ରକାଶ କରି ୫୪ଜଣ ଓକିଲଙ୍କ ଲାଇସେନ୍ସ ୧୮ମାସ ପର୍ଯ୍ୟନ୍ତ ନିଲମ୍ବନ କରିଥିଲେ। ଡିସେମ୍ବର ୧୭ରେ ୫୪ଜଣ ଓକିଲଙ୍କୁ ବାଦ୍‌ଦେଇ ସମସ୍ତ ଓକିଲଙ୍କ ନିଲମ୍ବନ ପ୍ରତ୍ୟାହାର କରିନେଇଥିଲେ। ଘଟଣାରେ ୨୯ଜଣ ଓକିଲ, ଜଣେ ବାର୍ କର୍ମଚାରୀ ଓ ୮ଜଣ କିନ୍ନରଙ୍କୁ ପୋଲିସ ଗିରଫ କରିଥିଲା। ପ୍ରାୟ ୨ମାସ ପରେ ହାଇକୋର୍ଟ ସମସ୍ତଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ।

## କାର୍-ବାଇକ୍ ମୁହାଁମୁହିଁ ଧକ୍କା:୩ ଜଣ ଗୁରୁତର

**ମୁରିବାହାଲ,୨୫।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ଥାନା ୫୯ ନମ୍ବର ଜାତୀୟ ରାଜପଥର ଗୋଇମୁଣ୍ଡ ଗ୍ରାମ ପଞ୍ଚାୟତର ଗୁରଣ୍ଡା ଗ୍ରାମ ନିକଟରେ ଶନିବାର ସନ୍ଧ୍ୟାରେ ଏକ କାର ଓ ମୋଟର ସାଇକେଲ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଏକ ମୋଟର ସାଇକେଲ ଯୋଗେ ୩ ଜଣ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା କାର ସହ ଧକ୍କା ହୋଇଥିଲା। ଫଳରେ ମୋଟର ସାଇକେଲ ଚାଳକ, ଜଣେ ୧୬ ବର୍ଷର ବାଳିକା ଓ ଜଣେ ଶିଶୁ ଆହତ ହୋଇଥିଲେ। ସେମାନଙ୍କୁ ପ୍ରଥମେ ଟିଟିଲାଗଡ଼ ଡାକ୍ତରଖାନା ନିଆଯାଇ ପରେ ବଲାଙ୍ଗୀର ଭୀମଭୋଇ ମେଡିକାଲରେ ଭର୍ତ୍ତି କରାଯାଇଛି। ଖବର ପାଇ ମୁରିବାହାଲ ପୋଲିସ ଏସଆଇ ଡି. ଓରାମ, କେଶବ ବେହେରା ପ୍ରମୁଖ ଘଟଣାସ୍ଥଳକୁ ଯାଇ ଦୁର୍ଘଟଣାଗ୍ରସ୍ତ ଗାଡି ଜବତ କରିଥିଲେ ।

# ସାଇବର ଆଇନ ଉପରେ ଜାତୀୟ ଆଲୋଚନାଚକ୍ର

**ସମ୍ବଲପୁର,୨୫।୨(ବ୍ୟୁରୋ)**

ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଆଇନ ବିଭାଗ ପକ୍ଷରୁ ଶନିବାର ସାଇବର ଆଇନର ଉଦୀୟମାନ ସମସ୍ୟା ଏବଂ ଆହ୍ୱାନ ଉପରେ ଏକଦିନିକିଆ ଜାତୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକାରୀ ସମ୍ପାଦକ ଡ. ପ୍ରୟାସ ଡନସନା ଓ ଡ. ଦିପ୍ତିରେଖା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହେଇଥିଲା। କାର୍ଯ୍ୟକ୍ରମରେ ଢେଙ୍କାନାଳ, ବଲାଙ୍ଗୀର, ବରଗଡ, ବିକାଶ, ଅନୁଗୋଳ, କିଟ୍ ଓ ଲଜପତ ରାୟ ଆଇନ ମହାବିଦ୍ୟାଳୟରୁ ସମୁଦାୟ ୧୮୯ ଛାତ୍ରୀଛାତ୍ର, ଅଧ୍ୟାପକ, ଅଧ୍ୟାପିକା, ଗବେଷକ ଯୋଗ ଦେଇଥିଲେ। ଏଥିରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବଂଶୀଧର ମାଝି ମୁଖ୍ୟ ଅତିଥି, ରେଜିଷ୍ଟ୍ରାର ଡ. ନୃପରାଜ ସାହୁ, ଅଧକ୍ଷ ଡ଼. ମାନସ ରଞ୍ଜନ କବାଟ, ଏସ୍‌ୟୁ ପିଜି କାଉନସିଲ ଅଧକ୍ଷା ପ୍ରଫେସର ସଂଯୁକ୍ତା ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଅଧିବେଶନରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ବିଧୁଭୂଷଣ ମିଶ୍ର ଅଧକ୍ଷତା କରିଥିଲେ। ଆଇନ ବିଭାଗର ମୁଖ୍ୟ ପ୍ରଫେସର ସଙ୍ଗୀତା ଲାହା ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

## ନୂଆଦିଲ୍ଲୀରେ ସାଧାରଣତନ୍ତ୍ର ଦିବସ ପରେଡ଼ରେ ଅଂଶଗ୍ରହଣ କରିଥିବା ଛାତ୍ରଙ୍କୁ ସମ୍ବର୍ଦ୍ଧନା

**ଅମରପାଲି,୨୫।୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ୩ ଜଣ ଛାତ୍ର ସାଧାରଣତନ୍ତ୍ରଦିବସ ଅବସରରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ପରେଡରେ ଅଂଶଗ୍ରହଣ କରି ମହାବିଦ୍ୟାଳୟର ଗୌରବ ବଢାଇଛନ୍ତି। ଶନିବାର ମହାବିଦ୍ୟାଳୟ ଏନ.ସି.ସି ତରଫରୁ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ମହାବିଦ୍ୟାଳୟର ଅଧକ୍ଷ ସୁଦାମ ଚରଣ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ପରେଡରେ ଅଂଶଗ୍ରହଣ କରିଥିବା ସି.ପି.ଏଲ ସଚ୍ଚିଦା ନାଗ, ଏଲ.ସି.ପି.ଏଲ ବଳରାମ ବଘାର ଓ ଏଲ.ସି.ପି.ଏଲ ଅର୍ଜୁନ ଜାଲଙ୍କୁ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ଏନ.ସି.ସି କ୍ୟାପଟେନ ସୂର୍ଯ୍ୟ ନାରାୟଣ ପଣ୍ଡା, ଚିନ୍ମୟ ପଣ୍ଡା, ମହାବିଦ୍ୟାଳୟ ଶାରୀରିକ ପ୍ରଶିକ୍ଷକ ନରେନ୍ଦ୍ର ଚାନ୍ଦ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ଏନ୍‌ସିସି କ୍ୟାପଟେନ ଓ କ୍ୟାଡେଟ୍‌ମାନଙ୍କ ପରିଶ୍ରମ ଯୋଗୁ କଲେଜ ଗର୍ବିତ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମକୁ ମନୋଜ ସାହୁ ସଂଯୋଜନା କରିଥିଲେ। ସୁନେଲି କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅଣ୍ଡର ଅଫିସର ଆନନ୍ଦ ପଧାନଙ୍କ ସମେତ ସମସ୍ତ ଏନସିସି କ୍ୟାଡେଟ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ବଲାଙ୍ଗୀର ଅଫିସ, ୨୫।୨**

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ବାରପୁଡୁଗିଆ ଗ୍ରାମସ୍ଥିତ ହାୱା ଗାର୍ଡେନ ଖେଳପଡିଆରେ ବଲାଙ୍ଗୀର ନେହେରୁ ଯୁବକେନ୍ଦ୍ର ସହାୟତାରେ ଏବଂ ସିଦ୍ଧାଶ୍ରମ ସେବା ପ୍ରତିଷ୍ଠାନ ଆନୁକୂଲ୍ୟରେ ଚାଲିଥିବା ଜିଲାସ୍ତରୀୟ ଖେଳ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଛି। ମୁଖ୍ୟଅତିଥି ଭାବେ ବଲାଙ୍ଗୀର ନାଗରିକ କମିଟି ସଭାପତି ଇଂ ବେଲାରସିଂ ଭୋଇ, ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡା ଅଧିକାରୀ ପରାଶର ବାଗ, ପୂର୍ବତନ ବ୍ଲକ ଅଧକ୍ଷ ଘାସିରାମ ବେହେରା, ନିଳାଦ୍ରୀ ବିହାରୀ ମିଶ୍ର, ପ୍ରମୋଦ କର୍ମୀ, ନେହେରୁ ଯୁବକେନ୍ଦ୍ର ଯୁବ କୋର୍ଡିନେଟର ନରସିଂହା କୁମାର ଯୋଗ ଦେଇଥିଲେ। ଫୁଟବଲ ଫାଇନାଲ ଖେଳରେ ବାରପୁଡୁଗିଆ ଦଳକୁ ୧-୦ ଗୋଲରେ ହରାଇ ସକମା ଦଳ ବିଜୟୀ ହୋଇଥିଲା। ଲମ୍ବଡିଆଁରେ ଗଗନ ବିଶ୍ୱାଲ, ଉଚ୍ଚ ଡିଆଁରେ ମନୋଜ ନାଗ, ୧୦୦ମିଟର ଦୌଡରେ ଜିତୁ ଭୋଇ, ୨୦୦ ମିଟରରେ ଆଶିଷ ପଟେଲ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ରେଫରି ପୁରୁଷୋତ୍ତମ ବୁଡେ, ପ୍ରଦୀପ, ମୁର୍ମୁ, ପିଙ୍କୁ ନାଗ ଖେଳ ପରିଚାଳନା କରିଥିଲେ। ଅନୁଷ୍ଠାନ ସଭାପତି ଜୟକୃଷ୍ଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ ସଦସ୍ୟ ସଦାନନ୍ଦ ମହଲା, ରଞ୍ଜନ ଭୋଇ, ବିଜୟ ମହଲା, ଲବ ନାଗ, ସରୋଜ ନାଏକ, ସଞ୍ଜୟ ନାଏକ ସହଯୋଗ କରିଥିଲେ।

# ପୁଷ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ


ଅତିଥିମାନେ ପୁଷ୍ପ ପ୍ରଦର୍ଶନୀ ଉଦ୍‌ଘାଟନ କରୁଛନ୍ତି ।

**ସମ୍ବଲପୁର,୨୫।୨(ବ୍ୟୁରୋ)**

ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ପୁଷ୍ପ ପ୍ରଦର୍ଶନୀ ଶନିବାର ରେଳ ନଗରସ୍ଥିତ ଅଧିକାରୀ କ୍ଲବ ଲେନ୍‌ଠାରେ ଉଦ୍‌ଘାଟିତ ହୋଇଯାଇଛି। ବରିଷ୍ଠ ମଣ୍ଡଳ ରେଳ ପ୍ରବନ୍ଧକ ବିନିତ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ପୁଷ୍ପ ହେଉଛି ପ୍ରକୃତିର ଶ୍ରେଷ୍ଠ ଉପହାର। ପ୍ରେମ, ସ୍ନେହ ଓ ଉତ୍ସବର ପ୍ରତୀକ ବୋଲି ମୁଖ୍ୟ ଅତିଥି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡିଆର୍‌ଏମ୍ ଆନନ୍ଦ ସିଂ, ପୂର୍ବତଟ ରେଳ ପଥ ମହିଳା କଲ୍ୟାଣ ସଙ୍ଗଠନ ସମ୍ବଲପୁର ଶାଖା ସଭାନେତ୍ରୀ ଅଞ୍ଜନୀ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ପ୍ରଦର୍ଶନୀରେ ସମ୍ବଲପୁର ସମେତ ବଲାଙ୍ଗୀର, ଟିଟିଲାଗଡ, କଣ୍ଟାବାଞ୍ଜି, ରେଢ଼ାଖୋଲ, ମହାସମୁନ୍ଦ ଅଞ୍ଚଳ ଓ ବିଭିନ୍ନ ସଂଗଠନ କର୍ମକର୍ତ୍ତା ସାମିଲ ହୋଇଥିଲେ। ୫୦ ପ୍ରକାର ରଙ୍ଗବେରଙ୍ଗର ପୁଷ୍ପ ପ୍ରଦର୍ଶିତ ହୋଇଥିଲା। ରବିବାର ପ୍ରଦର୍ଶନୀ ଉଦ୍‌ଯାପିତ ହେବ ।

# ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ରେଙ୍ଗାଲି,୨୫।୨(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲିସ୍ଥିତ ସୁରଜମଲ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଡ. ମନୋଜ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ହୋଇଥିଲା। ପ୍ରଫେସର କାଳିଦାସ ମିଶ୍ର ମୁଖ୍ୟଅତିଥି ଓ ଖବରଦାତା ହିମାଂଶୁ ଶେଖର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପକ ଡ. ନରେଶ ଅଗ୍ରୱାଲ ସ୍ୱାଗତ ଭାଷଣ, ଅଧ୍ୟାପକ ଅଜୟ କୁମାର ସାହୁ ଅତିଥି ପରିଚୟ ଓ ଅଧ୍ୟାପିକା ଲିଲି ଦାସ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଆଜୀବନ ସେବା ଓ ବୃତ୍ତିଗତ ସାଧନା ପାଇଁ ଇତିହାସ ବିଭାଗ ଅଧ୍ୟାପକ ମୁରାରୀ ପ୍ରସାଦ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଲେଜର ପୂର୍ବତନ ପ୍ରାଣୀବିଜ୍ଞାନ ଅଧ୍ୟାପକ ସ୍ୱର୍ଗତ ଶରତ କୁମାର ମିଶ୍ରଙ୍କ ସ୍ମୃତିରେ କଳା, ବାଣିଜ୍ୟ ଓ ବିଜ୍ଞାନ ବିଭାଗର ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅଧ୍ୟାପିକା ଲୋପାମୁଦ୍ରା ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

## ରକ୍ତଦାନ ଶିବିର

**ବଲାଙ୍ଗୀର ଅଫିସ, ୨୫।୨**

ଅରୁନ୍ଧତୀ ଫାଉଣ୍ଡେଶନ ପକ୍ଷରୁ ରାଜ୍ୟର ତିନୋଟି ସ୍ଥାନ ବଲାଙ୍ଗୀର, ଭବାନୀପାଟଣା ଓ ଭୁବନେଶ୍ୱରଠାରେ ଶନିବାର ମେଗା ରକ୍ତଦାନ ଶିବିର ଆୟୋଜନ କରାଯାଇଥିବା ଜଣାପଡିଛି। ବଲାଙ୍ଗୀର ହିରୋ ମୋଟର୍ସ ଶୋ ରୁମ୍‌ରେ ଆୟୋଜିତ ମେଗା ରକ୍ତଦାନ ଶିବରକୁ ଅତିଥି ଭାବେ ଯୋଗଦେଇ ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି ଉଦ୍‌ଘାଟନ କରିଥିଲେ। ବଲାଙ୍ଗୀର ମେଗା ରକ୍ତଦାନ ଶିବିରରେ ୫୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

# ମା' ମହାମାୟୀଙ୍କ ବାର୍ଷିକ ପୂଜା

**ନାକଟିଦେଉଳ,୨୫।୨(ଡି.ଏନ.ଏ.)**

ନାକଟିଦେଉଳ ବ୍ଲକ ବଳମ ପଞ୍ଚାୟତ ମହୁକୁଦ ଗ୍ରାମର ସଡ଼କ ସାହି ଓ ନାକଟିଦେଉଳ ଗ୍ରାମରେ ମା' ମହାମାୟୀଙ୍କ ବାର୍ଷିକ ପୂଜା ବୈଦିକ ରୀତିନୀତିରେ ଆୟୋଜିତ ହୋଇଯାଇଛି। ପ୍ରାରମ୍ଭରେ ନାକଟିଦେଉଳ ଗ୍ରାମର ମହିଳା ଭକ୍ତମାନେ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଉପରସାହିରେ ଥିବା ପୂଜାମଣ୍ଡପ ସ୍ଥଳକୁ ଆସିଥିଲେ। ସେଠାରେ ପୂଜାର୍ଚ୍ଚନା ଓ ହୋମକାର୍ଯ୍ୟ ସହ ନାମସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ସେହିପରି ସଡ଼କ ସାହିରେ ମହାମାୟୀଙ୍କ ବାର୍ଷିକ ପୂଜା ଅବସରରେ କଳସ ଶୋଭାଯାତ୍ରା, ବାଲୁକା ପୂଜା, ହୋମଯଜ୍ଞ, ଭଜନ କୀର୍ତ୍ତନ ଆୟୋଜିତ ହୋଇଥିଲା। ପୂଜକ ରୁଦ୍ରପ୍ରସାଦ ଶତପଥୀଙ୍କ କର୍ମବିଧି ଅନୁସାରେ ଏବଂ ଅହଲ୍ୟା ସାହୁଙ୍କ ପୌରୋହିତ୍ୟରେ ପୂଜା ହୋଇଥିଲା। ଗ୍ରାମର ବିନ୍ଧ୍ୟବାସିନୀ, କଲ୍ୟାଣୀ, ସମଲେଶ୍ୱରୀ ଓ ପଞ୍ଚଖଣ୍ଡା ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟା ସହଯୋଗ କରିଥିଲେ।


ମା' ମହାମାୟୀଙ୍କ ପୂଜା କରାଯାଉଛି।

# ପେସା ଆଇନ କାର୍ଯ୍ୟକାରୀ ଦାବି

**ଲୋକମୁକ୍ତି ସଙ୍ଗଠନର ମହାପଞ୍ଚାୟତ**

**କୁଚିଣ୍ଡା,୨୫।୨(ଡି.ଏନ.ଏ.)**

ବାମରା ବ୍ଲକ ରଙ୍ଗିଆଟିକିରା ପଞ୍ଚାୟତ ଘୁନଘୁଟିଠାରେ ଲୋକମୁକ୍ତି ସଙ୍ଗଠନ ପକ୍ଷରୁ ଆଦିବାସୀ ଓ ବନବାସୀଙ୍କୁ ନେଇ ଶୁକ୍ରବାର ମହାପଞ୍ଚାୟତ ଅନୁଷ୍ଠିତ ହୋଇଯାଇଛି। ଆଦିବାସୀ ନେତା ହାବିଲ ଏକ୍କାଙ୍କ ସଭାପତିତ୍ୱରେ ହୋଇଥିବା ସମାବେଶରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ମୁଖ୍ୟଅତିଥି, ଝାଡ଼ଖଣ୍ଡ ରାଜ୍ୟର ଆଦିବାସୀ ନେତା କୁମାର ଚନ୍ଦ୍ର ମାଡି ମୁଖ୍ୟବକ୍ତା, ଭୁବନେଶ୍ୱରର ସାମାଜିକ କର୍ମୀ ସୁଦର୍ଶନ ଛୋଟରାୟ, ପୂର୍ବତନ ବିଧାୟକ ରବିନାରାୟଣ ନାଏକ, ବୃନ୍ଦାବନ ମାଝି ଓ ରାଜେନ୍ଦ୍ର ଛତ୍ରିଆ, ଆଦିବାସୀ ନେତା ଶ୍ୟାମ ସୁନ୍ଦର ମୁଣ୍ଡା, କରୁଣାକର କିଷାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାର ଓଡ଼ିଶାରେ ପେଷା ଆଇନ କାର୍ଯ୍ୟକାରୀ କରି ତାଙ୍କର ଅଧିକାର ଦେବାକୁ ଦାବି କରିଥିଲେ। ଏହାଛଡା ଜଳ, ଜମି ଓ ଜଙ୍ଗଲର ସୁରକ୍ଷା ପାଇଁ ଆଦିବାସୀମାନେ ପୁରୁଷ ପୁରୁଷ ଧରି ଲଢେଇ କରିଆସୁଥିଲେ ହେଁ ସରକାର ତାଙ୍କ ପାଇଁ ଉଦ୍ଦିଷ୍ଟ ପେଷା ଆଇନର କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ମହାପଞ୍ଚାୟତରେ ଗୃହୀତ ୧୧ଦଫା ଦାବି ସମ୍ବଳିତ ସ୍ମାରକପତ୍ରକୁ ବାମରା ବିଡିଓଙ୍କ ଜରିଆରେ ରାଷ୍ଟ୍ରପତି ଓ ଓଡିଶା ମୁଖ୍ୟମନ୍ତ୍ରୀଙ୍କୁ ଦେବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ଲୋକମୁକ୍ତି ସଙ୍ଗଠନର ସାଧାରଣ ସମ୍ପାଦକ ଗ୍ରେଗୋରୀ ସାମାଦ ସଭା ସଞ୍ଚାଳନ କରିଥିବା ବେଳେ ଉମାକାନ୍ତ ନାଏକ ଧନ୍ୟବାଦ ଦେଇଥିଲେ। ସମାବେଶରେ ଲୋକମୁକ୍ତି ସଙ୍ଗଠନର ବାମରା ବ୍ଲକ ସଭାପତି ପାତ୍ର ବାଘ, ଫୁଲଦେଓ ସାମାଦ, ବିଲଚୁସ ସାମାଦ, ମିନକୁ ଲାକ୍ରା, ବିରଞ୍ଚି ନିଖଣ୍ଡିଆ, ଉମ୍ଲାନ ଟପନୋ, ସୂର୍ଯ୍ୟକାନ୍ତ ମାଝି, ଅଶୋକ ମାଝି, କୈଳାସ ପିଙ୍ଗ, ବିମଳ ଲାକ୍ରା, ଉତ୍ତମ କାଲୋ, ଅବନେର ଲୁଗୁନ, ବିଜୁ ବାଘ ପ୍ରମୁଖ ଉପସ୍ଥିତ ଥିଲେ। ବାମରା ବ୍ଲକ ଅଧୀନ ପଞ୍ଚାୟତର ସହସ୍ରାଧିକ ଆଦିବାସୀ ମହିଳାପୁରୁଷ ଯୋଗଦେଇଥିଲେ।



ସମାବେଶରେ ଯୋଗଦେଇଥିବା ଅତିଥିବୃନ୍ଦ।

